୬ ▸ ୨୨ ବର୍ଷର ରେକର୍ଡ ଭାଙ୍ଗିଲେ ଉସ୍‌ମାନ୍ ଖଓ୍ୱାଜା





ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୫ ● ୩୧ ଜାନୁଆରୀ ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -32 ● Issue-5 ● 31st January 2025, Friday ● Bhubaneswar | Licensed to post without pre-payment of postage No- BN-60/25-27


# ବଜେଟ୍ ଅଧିବେଶନ ପୂର୍ବରୁ ସବୁ ରାଜନୈତିକ ଦଳର ସହଯୋଗ ଲୋଡ଼ିଲେ ସରକାର

ନୂଆଦିଲ୍ଲୀ, ୩୦।୧

ଆଗାମୀ ବଜେଟ୍ ଅଧିବେଶନ ପୂର୍ବରୁ ସଂସଦଭବନ ପରିସରରେ ଗୁରୁବାର ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ସରକାର ସମସ୍ତ ରାଜନୈତିକ ଦଳର ସହଯୋଗ ଲୋଡ଼ିଛନ୍ତି। ସଂସଦ ଅଧିବେଶନକୁ ସୁରୁଖୁରୁରେ ଚଳାଇବା ପାଇଁ କେନ୍ଦ୍ର ସରକାର ଏହି ବୈଠକ ଡାକିଥିଲେ। ବୈଠକ ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ଯେ ଶୁକ୍ରବାର ବଜେଟ ଅଧିବେଶନର ଉଦଘାଟନୀ ଦିବସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦର ଉଭୟ ଗୃହକୁ ସମ୍ବୋଧିତ କରିବେ। ରାଷ୍ଟ୍ରପତିଙ୍କ ଅଭିଭାଷଣ ପରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରାଯିବ ବୋଲି ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଶନିବାର କେନ୍ଦ୍ର ବଜେଟ ଉପସ୍ଥାପନ କରାଯିବ।




ଏହି ଅଧିବେଶନରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଆଲୋଚନା କରାଯିବା ପରେ ବଜେଟ ଉପରେ ଆଲୋଚନା ହେବ ବୋଲି ଶ୍ରୀ ରିଜିଜୁ କହିଛନ୍ତି । ବଜେଟ ଉପରେ ଆଲୋଚନା ଫେବୃଆରୀ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଛୁଟି ପରେ ମାର୍ଚ୍ଚ ୧୦ରେ ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ ଆରମ୍ଭ ହେବ। ସେ କହିଛନ୍ତି ଯେ ଗୃହରେ ପୂର୍ବରୁ ୧୬ଟି ବିଲ୍ ତାଲିକାଭୁକ୍ତ ହୋଇଛି। ଫେବୃଆରୀ ୫ ତାରିଖରେ ଦିଲ୍ଲୀ ବିଧାନସଭା ପାଇଁ ମତଦାନ ହେବାକୁ ଥିବାରୁ ସେହିଦିନ ସଂସଦ ଚାଲିବ ନାହିଁ।

ପ୍ରତିରକ୍ଷା ମନ୍ତ୍ରୀ ତଥା ଲୋକସଭାରେ ଗୃହର ଉପନେତା ରାଜନାଥ ସିଂହ, ସ୍ୱାସ୍ଥ୍ୟମନ୍ତ୍ରୀ ତଥା ରାଜ୍ୟସଭା ଗୃହ ନେତା ଜେପି ନଡ୍ଡା, ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ, କଂଗ୍ରେସ ସାଂସଦ ଜୟରାମ ରମେଶ ଓ ଗୌରବ ଗୋଗୋଇ, ଟିଏମସି ସାଂସଦ ସୁଦୀପ ବନ୍ଦୋପାଧ୍ୟାୟ, ସମାଜବାଦୀ ପାର୍ଟି ସାଂସଦ ରାମ ଗୋପାଳ ଯାଦବ, ବିଜେଡି ସାଂସଦ ସସ୍ମିତ ପାତ୍ର, ଡିଏମକେ ସାଂସଦ ଟିଆର ବାଲୁ ପ୍ରମୁଖ ସର୍ବଦଳୀୟ ବୈଠକରେ ଉପସ୍ଥିତ ଥିଲେ।

# ୧୫ ଫେବୃଆରୀ ଯାଏଁ ବଢିଲା ରାସନ କାର୍ଡ ଇ-କେଓ୍ୱାଇସି ଅପ୍‌ଡେଟ୍ ଅବଧି

ଭୁବନେଶ୍ୱର, ୩୦।୧
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ରାସନ କାର୍ଡ ଇ-କେଓ୍ୱାଇସି ଅପଡେଟ ଅବଧି ୧୫ ଫେବୃଆରୀ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ଜାନୁଆରୀ ୩୧ ସୁଦ୍ଧା ଇ-କେଓ୍ୱାଇସି ଅପଡେଟ ଲାଗି ଶେଷ ତାରିଖ ଭାବେ ସରକାର ଦିନ ଧାର୍ଯ୍ୟ କରିଥିଲେ। ଯଦି ସମୟ ସୁଦ୍ଧା ଏହା ଏହା ଶେଷ ନହୁଏ ତେବେ ପରବର୍ତ୍ତୀ ସମୟରେ ସରକାର ବିଚାର କରି ପଦକ୍ଷେପ ନେବେ ବୋଲି ମନ୍ତ୍ରୀ କହିଥିଲେ।

ଏବେ ଗୁରୁବାର ଧାର୍ଯ୍ୟ ସମୟ ସୀମାର ଗୋଟିଏ ଦିନ ପୂର୍ବରୁ ରାସନ କାର୍ଡ ଇ-କେଓ୍ୱାଇସିର ସମୟ ସୀମା (ପୃଷ୍ଠା ୭ରେ)



## ଫେବୃୟାରୀ ୩ରେ ଅଭିଯୋଗ ଶୁଣାଣି କରିବେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୩୦।୧
ନ୍ୟୁଜ୍ ବ୍ୟୁରୋ

ଆଗାମୀ ଫେବୃୟାରୀ ୩ ତାରିଖ (ସୋମବାର)ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୟୁନିଟ୍-୫, ଭୁବନେଶ୍ୱର ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ । ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଜାନୁଆରୀ ୩୧ ତାରିଖ ଦିବା ୧୧ ଘଟିକା ଠାରୁ ଆରମ୍ଭ ହେବ ଏବଂ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିପାରିବେ । ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ । ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ। ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।


TATA MOTORS
Light Commercial Vehicles Dealers
24 hours help line :
Sales : 7873770000


# ମଝି ଆକାଶରେ ବିମାନ ଦୁର୍ଘଟଣା: ୬୪ ମୃତ

ୱାଶିଂଟନ,୩୦।୧

ଆମେରିକାରେ ଘଟିଛି ଭୟଙ୍କର ଦୁର୍ଘଟଣା । ମଝି ଆକାଶରେ ଗୋଟିଏ ଯାତ୍ରୀବାହୀ ବିମାନ ସହ ପିଟି ହୋଇଯାଇଛି ଆର୍ମି ହେଲିକପ୍ଟର। ମଝି ଆକାଶରେ ଦୁର୍ଘଟଣା ଯୋଗୁ ବିମାନ ଓ ହେଲିକପ୍ଟର ନିକଟସ୍ଥ ନଦୀରେ ଖସି ପଡିଛି । ୩୦୦ରୁ ଅଧିକ କର୍ମଚାରୀ ଉଦ୍ଧାର କାର୍ଯ୍ୟରେ ଲାଗିଥିବା ବେଳେ ବର୍ତ୍ତମାନ ସୁଦ୍ଧା ନଦୀ ମଧ୍ୟରୁ ୧୯ ଜଣଙ୍କ ମୃତଦେହ ମିଳିଛି । ଯାତ୍ରୀବାହୀ ବିମାନରେ ୬୦ ଜଣ ଯାତ୍ରୀ ଓ ୪ ଜଣ କ୍ରୁ ରହିଥିଲେ। ସେହିପରି ଆର୍ମି ହେଲିକପ୍ଟରରେ ୩ ଜଣ ସେନା ଅଧିକାରୀ ରହିଥିଲେ।

ଭାରତୀୟ ସମୟ ଗୁରୁବାର ସକାଳ(ଆମେରିକୀୟ ସମୟ ରାତି ୯ଟା) ସମୟରେ ବ୍ୟବସାୟିକ ବିମାନ ଓ ଆର୍ମିର ଗୋଟିଏ ହେଲିକପ୍ଟର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ବିମାନଟି ୱାଶିଂଟନ ଡିସି ନିକଟ ରୋନାଲଡ ରେଗାନ ୱାଶିଂଟନ ନ୍ୟାସନାଲ



ଏୟାରପୋର୍ଟରେ ଅବତରଣ କରିବାକୁ ଚେଷ୍ଟା କରୁଥିବା ବେଳେ ଏପରି ଘଟଣା ଘଟିଛି । ଦୁର୍ଘଟଣା ପରେ ବିମାନ ଓ ହେଲିକପ୍ଟର ପୋଟୋମାକ ନଦୀରେ ଖସି ପଡ଼ିଛି । ନଦୀରୁ ୧୯ ଜଣଙ୍କ ମୃତଦେହ ଉଦ୍ଧାର ହୋଇଥିବା (ପୃଷ୍ଠା ୭ରେ)

# ଓଡିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟରେ ସ୍ଥାପିତ ହେଲା ରିସର୍ଚ୍ଚ ଏଥିକ୍ସ କମିଟି

ଭୁବନେଶ୍ୱର, ୩୦।୧
ନ୍ୟୁଜ୍ ବ୍ୟୁରୋ

ଓଡିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟରେ ଗୁରୁବାର ରିସର୍ଚ୍ଚ ଇଥିକ୍ସ କମିଟିର ସ୍ଥାପନା କରାଯାଇଛି । ଏହା ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ବିଜ୍ଞାନ କ୍ଷେତ୍ରରେ ନୈତିକ ମାନଦଣ୍ଡ ଏବଂ ଉଚ୍ଚ ଗୁଣବତ୍ତା ସ୍ଥିର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

ଓଡିଶା ସରକାର ରାଜ୍ୟବାସୀଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ । ସେହି ଲକ୍ଷ୍ୟ ହାସଲ କରିବା ପାଇଁ ସ୍ୱାସ୍ଥ୍ୟସେବାରେ ନୈତିକ ମାନଦଣ୍ଡ ଏବଂ ନବସୃଜନର ବ୍ୟାପକ ଆବଶ୍ୟକତା ରହିଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ଃ ମୁକେଶ ମହାଲିଙ୍ଗ ପ୍ରକାଶ କରିଛନ୍ତି ।

ଓଡିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ରିସର୍ଚ୍ଚ ଇଥିକ୍ସ କମିଟିର ଅଧକ୍ଷ ନ୍ୟାୟାଧୀଶ ଡା. ଡି. ପି. ଚୌଧୁରୀ ଚିକିତ୍ସା ଗବେଷଣାରେ




ନୈତିକ ଅନୁପାଳନ ଏବଂ ଗବେଷକମାନଙ୍କ ଦାୟିତ୍ୱ ବିଷୟରେ ଚର୍ଚ୍ଚା କରିଥିଲେ ।

ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମାନସ ରଞ୍ଜନ ସାହୁ ବିଶ୍ୱବିଦ୍ୟାଳୟର ଉନ୍ନତିକରଣ ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ ।

ଏହି ଅବସରରେ ଓଡିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ସୋଲାର (ପୃଷ୍ଠା ୭ରେ)

# ଭାରତ-ଚାଇନା ଯୁଦ୍ଧକୁ ନେଇ ଏମିତି କହିଲା ଡ୍ରାଗନ ଏଆଇ

ନୂଆଦିଲ୍ଲୀ/ବେଜିଂ, ୩୦।୧
ନ୍ୟୁଜ୍ ବ୍ୟୁରୋ

ଏକ ଚାଇନା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଷ୍ଟାର୍ଟଅପ ଏକ ଏଆଇ ଆସିଷ୍ଟାଣ୍ଟ ଡିପ୍‌ସେକ୍ ବିକଶିତ କରିଥିବା ଦାବି କରିଛି। ଏହାର କାର୍ଯ୍ୟଦକ୍ଷତା ଦୃଷ୍ଟିରୁ ବହୁତ କମ ମୂଲ୍ୟରେ ଆମେରିକାର ଓପନ୍ ଏଆଇର ଚାର୍ଟଜିପିଟିର ଏବଂ ଗୁଗୁଲର ଜେମିନି ସହିତ ସମକକ୍ଷ। ଚାଇନା ଏଥିରେ ଅନେକ ସୀମାବଦ୍ଧତା ମଧ୍ୟ ଲଗାଇଛି। ଏହି ଚାଇନା ଏଆଇ ମଡେଲ ଚାଇନା ସରକାରଙ୍କ ଦ୍ୱାରା ସମ୍ବେଦନଶୀଳ ବିବେଚିତ ପ୍ରଶ୍ନର ଉତ୍ତର ଦେବାରୁ ବିରତ ରହୁଛି । ଡିପ୍‌ସେକ୍ ଭାରତ-ଚାଇନା ସମ୍ପର୍କ, ଚାଇନା-ତାଇୱାନ ସମ୍ପର୍କ ଏବଂ ଅନ୍ୟାନ୍ୟ ରାଜନୈତିକ ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଚୁପ ରହିଥିଲା। ଏ ବିଷୟରେ ପଚରାଯିବାରୁ ଡିପ୍‌ସେକ୍ ପକ୍ଷରୁ କୁହାଯାଇଥିଲା, କ୍ଷମା କରିବେ, ଏହା ମୋର ବର୍ତ୍ତମାନର କ୍ଷମତା ବାହାରେ। ଅନ୍ୟ କିଛି ଆଲୋଚନା କରନ୍ତୁ। କିନ୍ତୁ ଚାର୍ଟଜିପିଟି କିମ୍ବା ଜେମିନି ଏସବୁ ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରନ୍ତି, ମୃତ୍ୟୁଠୁ ଏହା ବ୍ୟତୀତ, ଡିପ୍‌ସେକ୍‌କୁ ୧୯୬୨ ଭାରତ-ଚାଇନା ଯୁଦ୍ଧ ବିଷୟରେ ପଚରାଯିବାରୁ, ସେ ଏହା ଉପରେ ଆଲୋଚନା କରିବାକୁ ସତର୍କତାର ସହ ମନା କରିଦେଲା। ଭାରତ-ଚାଇନା ଯୁଦ୍ଧ କାହିଁକି ହୋଇଥିଲା କିମ୍ବା ଭାରତ-ଚାଇନା ଯୁଦ୍ଧର ସାରାଂଶ ପ୍ରସ୍ତୁତ କରନ୍ତୁ ଭଳି ପ୍ରଶ୍ନରୁ ଧ୍ୟାନ ହଟାଇ ଦେଇଥିଲା। ତୁଳନାତ୍ମକ ଭାବରେ, ଚାର୍ଟଜିପିଟି କିମ୍ବା ଜେମିନି ଯୁଦ୍ଧ କିପରି ଏବଂ କାହିଁକି ଘଟିଲା ସେ ବିଷୟରେ ଐତିହାସିକ ବିବରଣୀ ପ୍ରଦାନ କରନ୍ତି।

# 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାର ଗାଇଡ୍‌ଲାଇନ୍ ଜାରି

ଭୁବନେଶ୍ୱର, ୩୦।୧
ନ୍ୟୁଜ୍ ବ୍ୟୁରୋ

'ବିକଶିତ ଗାଁ, ବିକଶିତ ଓଡ଼ିଶା' ପାଇଁ ରାଜ୍ୟ ସରକାର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଗୁରୁବାର ବିସ୍ତୃତ ମାର୍ଗଦର୍ଶିକା ଜାରି କରାଯାଇଛି। ରାଜ୍ୟର ସମସ୍ତ ଜିଲ୍ଲାପାଳ ଓ ବିଡିଓଙ୍କୁ ଏହି ମାର୍ଗଦର୍ଶିକା ପଠାଯାଇଛି । ଆସନ୍ତା ଫେବ୍ରୁଆରୀ ମାସ ୧୫ ତାରିଖ ସୁଦ୍ଧା ପ୍ରତି ଗାଁ ସେହି ଅନୁସାରେ ୫ ବର୍ଷିଆ ଯୋଜନା ତାଲିକା ପ୍ରସ୍ତୁତ କରି ପଠାଇବାକୁ କୁହାଯାଇଛି । ୨୦୨୪-୨୫ରେ ବିକଶିତ ଗାଁ, ବିକଶିତ ଓଡ଼ିଶା ପାଇଁ ରାଜ୍ୟ ସରକାର ବଜେଟ୍‌ରେ ୧୦୦୦ କୋଟି ଟଙ୍କାର ବ୍ୟୟବରାଦ ରଖିଛନ୍ତି । ନୂଆ ମାର୍ଗଦର୍ଶିକା ମୁତାବକ ଏହି ଟଙ୍କାକୁ ପ୍ରତି ପଞ୍ଚାୟତକୁ ଆବଣ୍ଟନ କରାଯିବ । ନୂଆ ବ୍ୟବସ୍ଥା ଅନୁସାରେ ପଛୁଆ ବା ଆଦିବାସୀ ବହୁଳ ଅଞ୍ଚଳକୁ ଏହି ଯୋଜନାରେ ସର୍ବାଧିକ ପ୍ରାଥମିକତା ଦିଆଯିବ । ଏଥି ପାଇଁ ମୋଟ ପାଣ୍ଠିର ୪୦ ପ୍ରତିଶତ ବା ୪୦୦ କୋଟି କେବଳ ଆଇଟିଡିଏ ଅନ୍ତର୍ଗତ ବ୍ଲକ୍‌ରେ ଖର୍ଚ୍ଚ ହେବ । ରାଜ୍ୟର ମୋଟ ୩୧୪ ବ୍ଲକ୍ ଭିତରୁ ୧୨୧ଟି ବ୍ଲକ୍ ଆଇଟିଡିଏ ଅଧୀନରେ ଆସୁଛି। ଏ ସବୁ ଅଞ୍ଚଳର ବିକାଶକୁ ସରକାର ଅଧିକ ଗୁରୁତ୍ୱ ଦେବେ । ବାକି ୧୯୩ଟି ବ୍ଲକରେ ଥିବା ପଞ୍ଚାୟତକୁ ୬୦୦ କୋଟି ଟଙ୍କାର ପାଣ୍ଠି ଆବଣ୍ଟନ ହେବ । ପ୍ରତି ଗାଁରେ ଭଲ ରାସ୍ତା ନିର୍ମାଣ ପାଇଁ ଟଙ୍କା ଦିଆଯିବ । ଗାଁରେ ବ୍ଲାକ ଟପ୍ ରୋଡ୍, କଂକ୍ରିଟ୍ ରୋଡ଼ ଓ ପେଭର ବ୍ଲକ ରାସ୍ତା ତିଆରି ହେବ। ଆବଶ୍ୟକ ସ୍ଥାନରେ ଡ୍ରେନ୍ ବି ନିର୍ମାଣ ହେବ। ତେବେ ପଞ୍ଚାୟତକୁ ମିଳିଥିବା ମୋଟ ପାଣ୍ଠିର ୩୫ ପ୍ରତିଶତ କେବଳ ରାସ୍ତା ନିର୍ମାଣ ପାଇଁ ଖର୍ଚ୍ଚ ହେବ । ଏହାଠାରୁ ଅଧିକ ଟଙ୍କା ରାସ୍ତା ନିର୍ମାଣ ପାଇଁ ଖର୍ଚ୍ଚ କରିହେବନି ଓ ସଂରକ୍ଷିତ ଜଙ୍ଗଲ ଓ ଜଙ୍ଗଲ ଅଞ୍ଚଳ ଭିତରେ ରହୁଥିବା ଲୋକଙ୍କ ପାଇଁ ମଧ୍ୟ ମେଟାଲିଂ ମାନର ରାସ୍ତା ନିର୍ମାଣ କରାଯିବ । ପୂର୍ବରୁ ଆମ ଓଡ଼ିଶା, ନବୀନ ଓଡ଼ିଶା ଯୋଜନାରେ ଜଙ୍ଗଲ ଅଞ୍ଚଳରେ ରାସ୍ତା ତିଆରି ଉପରେ କଟକଣା ଥିଲା । ଏଣିକି ଏହି ଯୋଜନା ଅଧୀନରେ ପ୍ରତି ବ୍ଲକରେ ରିଡିଂ ରୁମ୍ ବା ପଠନ ଗୃହ ବ୍ୟବସ୍ଥା କରାଯିବ । ଏଠାରେ ପଢ଼ା ବହି ସାଙ୍ଗକୁ ଇଣ୍ଟରନେଟ୍ ସୁବଧା ମିଳିବ। ସକାଳ ୯ଟାରୁ ରାତି ୯ଟା ଯିଏ ଏହା ଖୋଲା ରହିବ। ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ପିଲାମାନେ ଏଠାରେ ସ୍ୱଳ୍ପ ଦେୟ ଦେଇ ଆରାମରେ ବସି ପଢ଼ିପାରିବେ । ସେହିଭଳି ପଞ୍ଚାୟତରେ କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର, ଗାଧୁଆ ତୁଠ, ପୋଖରୀ ଓ ନଦୀ କୂଳରେ (ପୃଷ୍ଠା ୭ରେ)

## ୨ ଯାଏ ଘନକୁହୁଡ଼ି, ୧୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୩୦।୧
ନ୍ୟୁଜ୍ ବ୍ୟୁରୋ

ଆସନ୍ତା ୨ ତାରିଖ ଯାଏ ଘନକୁହୁଡ଼ି ନେଇ ୧୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। କଟକ, ଖୋର୍ଦ୍ଧା, ଢେଙ୍କାନାଳ, ବୌଦ୍ଧ, ଅନୁଗୋଳ, କେନ୍ଦୁଝର, କଳାହାଣ୍ଡି, କନ୍ଧମାଳ, ନୟାଗଡ଼, କୋରାପୁଟରେ ପ୍ରବଳ କୁହୁଡ଼ି ଦେଖାଦେବ। ଶୁକ୍ରବାର ରାତି ଓ ୧ ତାରିଖ ସକାଳ ପାଇଁ ୮ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।


ଏଥିସହିତ ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ବୌଦ୍ଧ, ଅନୁଗୋଳ, କେନ୍ଦୁଝର, କଳାହାଣ୍ଡି, କନ୍ଧମାଳରେ ଘନକୁହୁଡ଼ି ଦେଖାଦେବ। ୧ ତାରିଖ ରାତି ଓ ୨ ତାରିଖ ସକାଳ ପାଇଁ ୫ ଜିଲ୍ଲାକୁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି ହୋଇଛି । ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା ଓ କୋରାପୁଟକୁ ମଧ୍ୟ ସତର୍କ ସୂଚନା ଜାରି କରାଯାଇଛି।

## ଏକାଳ ପଖାଳ




ବାଂଲାଦେଶ ଯେଉଁ ବାଟରେ ଯାଉଛି
ପତନଟା ସୁନିଶ୍ଚିତ
ପାକିସ୍ତାନ ଆଉ ତାଲିବାନ ଠାରୁ
ଲାଗିଛି ତା ଦେହେ ପ୍ରେତ
ଉତୁରିବ ରହ ଭୂତ
ଭାରତ ଯେ ତାର ବେକମୋଡିଦେବ
ଏକଥାଟା ନାହିଁ ଜ୍ଞାତ।

# ମାଡିଆସୁଛି ବ୍ରହ୍ମାଣ୍ଡରେ ସବୁଠୁ ବଡ଼ ଝଡ



ନୂଆଦିଲ୍ଲୀ,୩୦।୧

ଆସୁଛି ମହାପ୍ରଳୟ । ଦୁନିଆ ଏବେ ପ୍ରଳୟମୁହାଁ ହେଉଛି। ପରମାଣୁ ବୈଜ୍ଞାନିକ ତିଆରି କରିଛନ୍ତି । ପ୍ରଳୟର ଘଣ୍ଟା ୭୮ ବର୍ଷ ପୂର୍ବ ପରମାଣୁ ବୈଜ୍ଞାନିକ ଏକ ନିଆରା ଘଣ୍ଟାକୁ ତିଆରି କରିଛନ୍ତି । ଯାହାକୁ ଡୁମ୍‌ସେଡ କ୍ଲକ ବୋଲି ନାମ ଦିଆଯାଇଛି । ମହାବିନାଶର ସମୟ ଜାଣିବା ପାଇଁ ତିଆରି କରାଯାଇଛି ଏହି ଘଡି । ଯେଉଁଥିରେ ସମୟ ମଧ୍ୟରାତ୍ରିର ୯୦ ସେକେଣ୍ଡ ଦୂରରେ ଅଛି । ଯେମିତିକି ଅର୍ଦ୍ଧରାତ୍ରୀର ଏହି ସମୟରେ ପୃଥିବୀ ଧ୍ୱଂସ ହୋଇଯିବ । ମଣିଷର ଅସ୍ତିତ୍ୱ ରହିବ ନାହିଁ ବୋଲି କୁହାଯାଇଛି।

ସୂଚନା ଥାଉକି, ଏହି ପ୍ରଳୟ ଘଣ୍ଟା ସାଙ୍କେତିକ ଭାବରେ ଦର୍ଶାଏ ଯେ ଆମେ ବିପର୍ଯ୍ୟୟର କେତେ ନିକଟତର । ଏହାର ସମୟ ପୁଣି ଥରେ ବଡ ଧ୍ୱଂସ ନିକଟରେ ପହଞ୍ଚିଛି । ଘଣ୍ଟାର ସମୟ ମଧ୍ୟରାତ୍ରି ପୂର୍ବରୁ ୯୦ ସେକେଣ୍ଡ ଦୂରରେ ରହିଛି। ବୈଜ୍ଞାନିକମାନେ ଏହି ଘଣ୍ଟାର ସମୟକୁ ନିଜ ହାତରେ ବଦଳାଇଛନ୍ତି । ଏହା ମଧ୍ୟରାତ୍ରିର ନିକଟତମ ସମୟ କିନ୍ତୁ ବୈଜ୍ଞାନିକମାନେ ଏହାକୁ ଆଗକୁ ବଢ଼ିବା ବନ୍ଦ କରି ଦେଇଛନ୍ତି। ସେମାନେ କହିଛନ୍ତି ନୂତନ ପରମାଣୁ ଅସ୍ତ୍ର ପ୍ରତିଯୋଗିତା, ୟୁକ୍ରେନ ଯୁଦ୍ଧ ଏବଂ ଜଳବାୟୁ ପରିବର୍ତ୍ତନକୁ ନେଇ ଘଣ୍ଟା ଆଗକୁ ବଢ଼ିବାର କାରଣ ରହିଛି। ୨୦୦୭ ପରଠାରୁ ବୈଜ୍ଞାନିକମାନେ (ପୃଷ୍ଠା ୭ରେ)

# ଡିଜିଟାଲ ଆରେଷ୍ଟର ଦେଖାଇ ନେଇଗଲେ ୩୪ ଲକ୍ଷ

ବ୍ରହ୍ମପୁର, ୩୦।୧
ନ୍ୟୁଜ୍ ବ୍ୟୁରୋ

ସାଇବର ଗ୍ୟାଙ୍ଗ ସବୁବର୍ଗର ଯୁବତୀଯୁବକଙ୍କଠାରୁ ଆରମ୍ଭ କରି ଉଚ୍ଚଶିକ୍ଷିତ ଲୋକଙ୍କୁ ମଧ୍ୟ ଠକିବାକୁ ପଛେଇନାହାନ୍ତି। ଏଥିପାଇଁ ସେମାନେ ନୂଆ ନୂଆ ତରିକା ଆପଣାଉଛନ୍ତି । ପୋଲିସ ମଧ୍ୟ ସେମାନଙ୍କ ଟେର ପାଇପାରୁନି । ପୋଲିସ ପକ୍ଷରୁ ଏନେଇ ଯେତେ ସଚେତନ କଲେ ମଧ୍ୟ ସାଇବର ଠକଙ୍କ ଉପରେ ଏହାର କିଛି ପ୍ରଭାବ ପଡୁନାହିଁ । କୁକୁଡାଖଣ୍ଡି ଅଞ୍ଚଳରେ ରହୁଥିବା ଶିକ୍ଷକ ଦମ୍ପତି ସେମାନେ ଠକେଇର ଶିକାର ହୋଇଛନ୍ତି । ସେମାନଙ୍କୁ ଡିଜିଟାଲ ଆରେଷ୍ଟର ଭୟ ଦେଖାଇ ୩୪ଲକ୍ଷ ୫୦ ହଜାର ଟଙ୍କା ନେଇଯାଇଛନ୍ତି ସାଇବର



ଗ୍ୟାଙ୍ଗ। ଏନେଇ ଶିକ୍ଷୟିତ୍ରୀ ଜଣକ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଥାନାରେ ବୁଧବାର ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଛି । ଏନେଇ ପୋଲିସ ଏକ ମାମଲା (ନଂ. ୧୨/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଘଟଣାରୁ ପ୍ରକାଶ, ଶିକ୍ଷୟିତ୍ରୀଙ୍କ ସ୍ୱାମୀଙ୍କ ମୋବାଇଲକୁ ଜାନୁଆରୀ ୨୦ରେ ନିଜକୁ ଟ୍ରାଇର ଜଣେ ଅଧିକାରୀ ଭାବେ ପରିଚୟ ଦେଇ ଏକ ଅଜଣା ଫୋନ କଲ ଆସିଥିଲା। ଦୁଇ ଘଣ୍ଟା ମଧ୍ୟରେ (ପୃଷ୍ଠା ୭ରେ)

31 YEARS
ସମ୍ବାଦ କଳିକା

# ଗ୍ରାମାଞ୍ଚଳର ଖୁଚୁରା ମୁଦ୍ରାସ୍ଫୀତି ହାର ୭.୭୬%ରୁ ହ୍ରାସ

ଶସ୍ୟଭିତ୍ତିକ ଜିନିଷର ମୂଲ୍ୟ ବଢ଼ିଛି। ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକମାନଙ୍କୁ ଅଧିକ ଦାମ୍ ଦେଇ ଜିନିଷ କିଣିବାକୁ ପଡୁଛି। ତାହାର ପ୍ରଭାବରେ ଚଳିତ ବର୍ଷ ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର ୭.୫୫ ପ୍ରତିଶତ ରହିଛି। ତଥ୍ୟ ଅନୁଶୀଳନରୁ ଜଣାପଡ଼ିଛି ଯେ ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳ ଉପରେ ଦରଦାମର ଅଧିକ ଚାପ ରହିଛି। ଗ୍ରାମାଞ୍ଚଳର ଖୁଚୁରା ମୁଦ୍ରାସ୍ଫୀତି ହାର ୬.୪୭ ପ୍ରତିଶତ ଥିଲା ଯାହା ୭.୬୦ ପ୍ରତିଶତକୁ ବୃଦ୍ଧି ପାଇଛି। ସେହି ସମୟରେ ସହରାଞ୍ଚଳର ଖୁଚୁରା ମୁଦ୍ରାସ୍ଫୀତି ହାର ୭.୭୬ ପ୍ରତିଶତରୁ ହ୍ରାସ ପାଇ ୭.୩୨ ପ୍ରତିଶତ ହୋଇଛି। ଏ ସମ୍ପର୍କରେ ଅର୍ଥନୀତିଜ୍ଞ ପ୍ରଭାସ ମିଶ୍ର କହିଛନ୍ତି ଯେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଖାଦ୍ୟଶସ୍ୟ ଦାମ୍ ଅଧିକ ରହିଛି। କିନ୍ତୁ ଗ୍ରାମାଞ୍ଚଳରେ ଦରଦାମ୍ ବଢ଼ିବା ଅର୍ଥନୀତି ପାଇଁ ଶୁଭଙ୍କର ନୁହେଁ। ସହରାଞ୍ଚଳରେ ଲୋକମାନେ ମୁଖ୍ୟତଃ ପ୍ୟାକେଟ୍ ଖାଦ୍ୟ ଖାଇଥାଆନ୍ତି। ସେଠାରେ ଦର ବଢ଼ିଲେ ମାନୁଫାକ୍ଚରିଂ କ୍ଷେତ୍ର ଉପରେ ଚାପ ରହିଛି ବୋଲି ଧରିନିଆଯାଏ। ଉତ୍ପାଦନ ବଢ଼ିଲେ ସ୍ଥିତିରେ ସୁଧାର ହୋଇଥାଏ। କିନ୍ତୁ ଗ୍ରାମାଞ୍ଚଳରେ ଦରଦାମ୍ ଅଧିକ ରହିବାର ଅର୍ଥ ହେଉଛି କୃଷି କ୍ଷେତ୍ର ଉପରେ ଚାପ ରହିଛି। କୌଣସି ପର୍ବପର୍ବାଣି ନଥିବା ସତ୍ତ୍ୱେ ଗାଁରେ ଦରଦାମ୍ ବଢ଼ିବା ଚିନ୍ତାର ବିଷୟ ବୋଲି ସେ କହିଛନ୍ତି। ସେହିପରି, ଓଡ଼ିଶା ଅର୍ଥନୈତିକ ସଂଘର ସଚିବ ଅମରେନ୍ଦ୍ର ଦାସ କହିଛନ୍ତି ଯେ ରାଜ୍ୟର ଗ୍ରାମାଞ୍ଚଳରେ କମ୍ ଫଳ ଓ ପନିପରିବା ଉତ୍ପାଦନ ହେଉଛି। ସେଥିପାଇଁ ଆମକୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ଲାଗି ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ମାତ୍ର ବାହାରେ ରହି କାମ କରୁଥିବା ଲୋକମାନେ ଟଙ୍କା ପଠାଉଥିବା ବେଳେ ସାଧାରଣ ବଣ୍ଟନ ବ୍ୟବସ୍ଥା ଜରିଆରେ ଖାଦ୍ୟଶସ୍ୟ ମିଳୁଥିବାରୁ ଉପଯୋଗିତା ଅଧିକ ରହିଛି। ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଯୋଗାଣ ଶୃଙ୍ଖଳ ଅଧିକ ସୁଦୃଢ଼। ସେଥିପାଇଁ ଗ୍ରାମାଞ୍ଚଳରେ ଦରଦାମ୍ ଅଧିକ ରହୁଥିବା ସେ କହିଛନ୍ତି। ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର କ୍ରମାଗତ ଭାବେ ଦେଶରେ ସର୍ବାଧିକ ରହୁଛି। ଚଳିତ ବର୍ଷ ଜାତୀୟ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୦୯ ପ୍ରତିଶତକୁ ହ୍ରାସ ପାଇଛି। ଓଡ଼ିଶାର ମୁଦ୍ରାସ୍ଫୀତି ତା'ଠାରୁ ପ୍ରାୟ ୨.୫% ଅଧିକ ରହୁଛି। ଓଡ଼ିଶା ବ୍ୟତୀତ ତେଲେଙ୍ଗାନା (୬.୭୧%), ହରିୟାଣା (୬.୨୮%), ଆସାମ (୬.୦୨%), ଆନ୍ଧ୍ରପ୍ରଦେଶ (୫.୬୬%), ଗୁଜରାଟ (୫.୩୯%), ଝାଡ଼ଖଣ୍ଡ (୫.୮୫%) ଏବଂ କର୍ଣ୍ଣାଟକରେ (୫.୭୪%) ଖୁଚୁରା ମୁଦ୍ରାସ୍ଫୀତି ହାର ଅଧିକ ରହିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁଗସ୍ଧା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମ୍ସ୍ତୁତେ ।'

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅ୍ବ ବ୍ୟ୍ବ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ
ଏଜଗତ ମଧ୍ୟେ
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁଗସ୍ଧା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ୱ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୧୦)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ–୯୬୬୮୨୯୮୪୯୪

ବଳିଷ୍ଠ ବାହୁଦ୍ୱୟରେ ତାଙ୍କର ଅସୀମ ସାମର୍ଥ୍ୟ ଏବଂ ଭଗବାନଙ୍କ ଉପରେ ରହିଛି ତାଙ୍କର ଅଖଣ୍ଡ ବିଶ୍ୱାସ ଓ ଭକ୍ତି। ତାଙ୍କରି ଗୃହରେ ଆଶ୍ରୟ ନେଲେ ବିଶର ମହାନ୍ତି। ସେହିଦିନ ଠାରୁ ସେହି ବୃଦ୍ଧ ବ୍ୟକ୍ତିଙ୍କ ଏକ ବାହାର ଗୃହରେ ସେ ଅତିଥି ଭାବରେ ଅବସ୍ଥାନ କଲେ। ସେହି ବୃଦ୍ଧ ବ୍ୟକ୍ତି ଜଣକ ଦିନେଯାଇ ଗଙ୍ଗାକୂଳରୁ ସେହି ଅଧାପୋଡା କାଠକୁ ଗଙ୍ଗା ଜଳରୁ ଉଠାଇ ଆଣି ନିଜ ବଗିଚାର ଗୋଟିଏ ପରିଷ୍କାର ସ୍ଥାନରେ ରଖିଲା ଭବିଷ୍ୟତରେ ତାକୁ ଜାଳେଣି କାଠ ରୂପେ ବ୍ୟବହାର କରିବା ପାଇଁ। ଏହି କଥାକୁ ବିଶର ମହାନ୍ତି ଅତି ସାବଧାନତାର ସହ ଲକ୍ଷ୍ୟ କରିଛନ୍ତି। ପ୍ରତିଦିନ ପ୍ରତ୍ୟୁଷରୁ ଶଯ୍ୟା ତ୍ୟାଗକରି ବିଶର ମହାନ୍ତି ସେହି ଦରପୋଡା କାଠ ଠାରୁ ଅନେକ ଦୂରରେ ଥାଇ ପ୍ରଣାମ ଏପରି କରିଥାନ୍ତି ଯେ କେହି ଯେପରି ବିଶର ମହାନ୍ତି ଦର ପୋଡା କାଠକୁ ପ୍ରଣାମ କରୁଛନ୍ତି ବୋଲି ଜାଣି ନପାରିବେ। ଅତି ସନ୍ତର୍ପଣରେ ବିଶର ମହାନ୍ତିଙ୍କର ଏହି ଆଧାତ୍ମିକ ପ୍ରକ୍ରିୟା ନିରବଚ୍ଛିନ୍ନ ଭାବେ ଗତିଶୀଳ ହେବାରେ ଲାଗିଲା। ଯାହାକୁ କୌଣସି ବ୍ୟକ୍ତି ଜାଣିପାରନ୍ତି ନାହିଁ।

ନିୟତିର ଗତି ବଡ ବିଚିତ୍ର। ମଣିଷ ଭାବେ ଯାହା ସେ କରୁଛି, ଯାହା ସେ ଭୋଗ କରୁଛି ତାହା କେବଳ ସେ ନିଜେ ହିଁ କରୁଛି। କିନ୍ତୁ ସେ ଯେତେବେଳେ ଅସହାୟ ହୋଇ ପଡୁଛି, ଚତୁର୍ଦ୍ଦିଗରେ ମଣିଷର ଜୀବନ ଉଜୁଡିଯାଉଛି, ଯନ୍ତ୍ରଣା ଜର୍ଜରିତ ଅବସ୍ଥାରେ ଯେତେବେଳେ ଜୀବନଦୀପ ଲିଭି ଲିଭି ଯାଉଛି ସେତେ ବେଳେ କେହି ନାହାଁନ୍ତି ତା' ପାଖରେ, କେବଳ ସେ ନିଜର ଶୂନ୍ୟ ହାତକୁ ଟେକି ଦେଇ କେବଳ ସେହି ଈଶ୍ୱରଙ୍କୁ ହିଁ ଡାକିଥାଏ। ସେହିଠାରେ ସେ ଉପଲବ୍ଧି କରିଥାଏ ଯେ ସବୁସେଇ ପରମେଶ୍ୱରଙ୍କ ଇଚ୍ଛା। ତାଙ୍କରି ଇଚ୍ଛାରେ ହିଁ ଏ ସଂସାର ଗତିଶୀଳ। ତାଙ୍କରି ଇଚ୍ଛାରେ ହିଁ ରୋଗ, ଶୋକ, ସନ୍ତାପ, ହସ, ଖୁସି, ଆନନ୍ଦ, ପାପ, ପୁଣ୍ୟ, ପ୍ରେମ ବିରହ, ବିଷାଦ। ଏଠାରେ କେହି ବି ସ୍ଥିର ନୁହେଁ, କିଛି ବି ଚିରସ୍ଥାୟୀ ନୁହେଁ, କେବଳ ଚିରନ୍ତନ ସତ୍ୟ ହିଁ ସେହି ଅଦୃଶ୍ୟ ଶକ୍ତି। ଯାହାର ଇଚ୍ଛା ନହେଲେ ଗୋଟିଏ ମୁହୂର୍ତ୍ତ ବି ଏ ସଂସାର ତିଷ୍ଠି ରହି ପାରିବ ନାହିଁ। ସବୁ କିଛି ହିଁ ତାଙ୍କରି ଇଚ୍ଛା। କେତେବେଳେ କାହାକୁ, କେଉଁ ପରିସ୍ଥିତି ମଧ୍ୟ ଦେଇ ଗତିଶୀଳ କରାନ୍ତି ତାହା ମନୁଷ୍ୟକୁ ଅଗୋଚର। ତେଣୁ ସେଥିପାଇଁ କୁହାଯାଏ ଦଇବ ଦଉଡି ମଣିଷ ଗାଇ, ଯେଣିକି ଟାଣଇ ତେଣିକି ଯାଇ। ଏହି ପରିସ୍ଥିତି, ପରିବେଶ, ଝଡ, ଝଞ୍ଜା ମଧ୍ୟଦେଇ ଗତିକରି ଚାଲିଲା ବିଶର ମହାନ୍ତିଙ୍କ ଜୀବନ। ସନ୍ଧ୍ୟା ହେବା ମାତ୍ରେ ପ୍ରତ୍ୟେକ ଦିନ ବିଶର ମହାନ୍ତିଙ୍କ ନିକଟରେ ଉପସ୍ଥିତ ହୁଅନ୍ତି କିଛି ଧାର୍ମିକ ପୁରୁଷ, ସ୍ତ୍ରୀଲୋକମାନେ ଈଶ୍ୱରଙ୍କ ଭଜନ, ଧ୍ୟାନ, ସଂଗୀତ ଶ୍ରବଣ କରିବା ପାଇଁ। ମାତ୍ର କିଛିଦିନ ପରେ ସେହି ପଲ୍ଲୀର ବହୁଲୋକ ବିଶର ମହାନ୍ତିଙ୍କର ଖାଦ୍ୟ ବ୍ୟବସ୍ଥାକୁ ଖଞ୍ଜା କରିଦେଲେ। ସେହି ବୃଦ୍ଧ ଧୀବର ତାଙ୍କୁ ଗୋଟିଏ ଗୃହରେ ରଖିଲେ।

ଦିନକର ସଂନ୍ଧ୍ୟା ସମୟ, ଦାଣ୍ଡପିଣ୍ଡାରେ ବସି ନିଜର ମୃଦଙ୍ଗ ବାଦ୍ୟର ତାଳେ ତାଳେ ଜଗନ୍ନାଥ ଦାସଙ୍କ ଓଡିଆ ଭାଗବତକୁ ସମ୍ଭବତଃ ଗାଇ ଚାଲିଥାନ୍ତି। ଚାରିପଟରେ ସରଳ, ନିରୀହ ପଲ୍ଲୀବାସି ବିଶରଙ୍କ ସହିତ ମିଶି ଓଡ଼ିଆ ନବାକ୍ଷରୀ ଛାନ୍ଦକୁ ଅତି ମଧୁର ସ୍ୱରରେ ତାଳ ଲୟ ଲକ୍ଷ୍ୟ ରଖି ଗାଇ ଚାଲିଥାନ୍ତି। ସନ୍ଧ୍ୟା ସମୟ , ଗଙ୍ଗାଙ୍କର ବକ୍ଷରୁ ବହିଆସୁଛି ଶୀତଳ ପବନ। ଆକାଶରେ ଫୁଲ ପରି ତାରାଗୁଡାକ ବିଛାଡି ହୋଇ ପଡିଗଲେଣି। (କ୍ରମଶଃ)

# ତୁମ ପଦେ କୋଟି ନମସ୍କାର

ଡକ୍ଟର ଆରତି କର
ଶତାବ୍ଦୀ ନଗର, ଭୁବନେଶ୍ୱର–୩
ମୋ : ୮୮୪୭୮୯୨୬୭୨



ସତରେ ବିଶ୍ୱାସ କରି ହେଉନି ଚାହୁଁ ଚାହୁଁ କେମିତି ବର୍ଷଟିଏ ବିତିଗଲା। ଏବେ ବି ଲାଗୁଛି ସ୍ୱର୍ଗତ ସାତକଡ଼ି ହୋତା ଆମ ଗହଣରେ ଅଛନ୍ତି, ଆମକୁ ପୂର୍ବପରି ଉପଦେଶମାନ ଦେଇ ଚାଲିଛନ୍ତି ଆଉ ଏକାନ୍ତ ଆପଣାର ଭାବି ଆମର ଭଲମନ୍ଦ ବୁଝୁଛନ୍ତି, ନଚେତ୍ ତାଙ୍କର ଅବର୍ତ୍ତମାନରେ ସବୁକିଛି ସ୍ୱାଭାବିକ ରୀତିରେ ଚାଲନ୍ତା କିପରି ?

ସେ' ଆମମାନଙ୍କ ପରି ରକ୍ତ ମାଂସ ଦେହଧାରୀ ମଣିଷ ଥିଲେ ସତ, ମାତ୍ର ଜୀବନ ତାଙ୍କର ଗଢ଼ା ହୋଇଥିଲା ଅନ୍ୟ ଉପାଦାନରେ। କ୍ରୋଧ, ହିଂସା, ପରଶ୍ରୀକାତରତା ଏ ସମସ୍ତେ ଥିଲେ ତାଙ୍କ ପାଇଁ ଏକ ଏକ ଅଭିଧାନିକ ଶବ୍ଦ। ଜୀବନରେ ବହୁ ପ୍ରତିକୂଳ ପରିସ୍ଥିତି ଭିତର ଦେଇ ଗତି କରିଥିଲେ ମଧ୍ୟ ସେ ଥିଲେ ଧୈର୍ଯ୍ୟଗୁଣରେ ହିମାଳୟ ସଦୃଶ। ଯେତେ ଜଟିଳ ପରିସ୍ଥିତି ଆସିଛି ସବୁକୁ ଶାନ୍ତ ସରଳ ଭାବରେ ସାମନା କରିଛନ୍ତି ସିନା କୌଣସି ଜାଗାରେ ତାଙ୍କର ଧୈର୍ଯ୍ୟବନ୍ଧ ଭୁଷୁଡ଼ି ପଡ଼ିନି। ଐଶ୍ୱର୍ଯ୍ୟ, ପ୍ରାଚୁର୍ଯ୍ୟ, କ୍ଷମତା ସବୁକିଛି ଆସିଛି, ମାତ୍ର ତାଙ୍କ ଶୁଦ୍ଧ ସ୍ୱଭାବ ଉପରେ କିଛି ପ୍ରଭାବ ପକାଇ ପାରିନାହିଁ ବରଂ ପ୍ରତି ମୁହୂର୍ତ୍ତରେ ଯେପରି ସେ ଈଶ୍ୱରଙ୍କୁ ପ୍ରାର୍ଥନା କରୁଥିଲେ-

ଯେତିକି ଧନରେ କୁଟୁମ୍ବ ପାଳିବି
ସେତିକି ଦିଅ ହେ ହରି।
ନିଜେ ନରହିବି ଉପବାସ କେବେ
ଅତିଥି ନ ଯିବେ ଫେରି ।

ସେ ଉତ୍ତମ ରୂପେ ବୁଝିଥିଲେ ଏ ଐଶ୍ୱର୍ଯ୍ୟ, କ୍ଷମତା, ପ୍ରତିପତ୍ତି ଏସବୁର ଅସାରତା, ଅଳିକତା ସଂପର୍କରେ, ତେଣୁ ସେଥିପ୍ରତି ଆଦୌ ପ୍ରଲୁବ୍ଧ ନହୋଇ ପ୍ରତି ମୁହୂର୍ତ୍ତରେ ଥିଲେ କର୍ତ୍ତବ୍ୟ ସଚେତନ। ଭୋଗ ଅପେକ୍ଷା ତ୍ୟାଗ ହିଁ ଥିଲା ତାଙ୍କ ଜୀବନର ଆଦର୍ଶ। ସବୁବେଳେ ସୁଯୋଗ ଖୋଜିଛନ୍ତି କେଉଁଠି କାହାର କ'ଣ ଉପକାର କରିହେବ, ସେ ବ୍ୟକ୍ତି ହେଉ, ଜାତି ହେଉ, ଅନୁଷ୍ଠାନ ହେଉ ଅବା ହେଉ ବିଭିନ୍ନ ସଂଗଠନ।

ଭାବିଲେ ଆଶ୍ଚର୍ଯ୍ୟ ଲାଗେ, ସତରେ ସ୍ୱର୍ଗତ ସାତକଡ଼ି ହୋତା ଥିଲେ ଈଶ୍ୱରଙ୍କର ଏକ ଅମୂଲ୍ୟ ତଥା ଅମୃତ ସୃଷ୍ଟି। ଜୀବନରେ ବହୁ ଅର୍ଥ ରୋଜଗାର କରିଛନ୍ତି, ମାତ୍ର କୌଣସି ପରିସ୍ଥିତିରେ ମଧ୍ୟ ଏଥିରେ ଆସକ୍ତ ହୋଇନାହାନ୍ତି, ଜୀବନର ପ୍ରତି କ୍ଷେତ୍ରରେ ସ୍ପଷ୍ଟ ବାରିହୋଇ ପଡ଼ିଛି ତାଙ୍କର ନିର୍ଲୋଭ ପଣିଆ। ଜ୍ଞାନ ଓ ପାଣ୍ଡିତ୍ୟରେ ମାପି ବସିଲେ ସେ ଥିଲେ ଜ୍ଞାନର ମାର୍ତ୍ତଣ୍ଡ ସଦୃଶ, ମାତ୍ର ଏଥିପାଇଁ ଆଦୌ ତାଙ୍କ ମନରେ ଗର୍ବ, ଦମ୍ଭ ବା ଅହଂକାର ନଥିଲା, ବରଂ ଜ୍ଞାନ ବିତରଣ କରି ସେ ଲାଭ କରୁଥିଲେ ଅପୂର୍ବ ପ୍ରଶାନ୍ତି। ଜୀବନକୁ ଉପଭୋଗ କରିବାର ବହୁ ପରିବେଶ ମିଳିଛି। ମାତ୍ର ତାଙ୍କର ନିରଳସ, ଶାନ୍ତ, ସରଳ, ବିନୟୀ ବ୍ୟକ୍ତିତ୍ୱ ଏଥିରେ ଅବିଚଳିତ ରହିଛି। ରେଳବାଇର ଭାରତୀୟ ପରିବହନ ସେବା ଅଧିକାରୀ ଭାବେ ଅନେକ କ୍ଷେତ୍ରରେ ପ୍ରଭୁତ୍ୱର ଅଧିକାରୀ ହୋଇଛନ୍ତି ସତ, ମାତ୍ର କେଉଁଠି ମାଲିକାନାଜାହିର କରିନାହାନ୍ତି ବରଂ ପ୍ରତ୍ୟେକଙ୍କୁ କିପରି ଆପଣାର କରିହେବ, ଏ କଳାରେ ସେ ଥିଲେ ବେଶ୍ ପାରଙ୍ଗମ୍।

ଜଣେ ପ୍ରଶାସନିକ ଅଧିକାରୀଙ୍କର କର୍ମବହୁଳ ଜୀବନ ମଧ୍ୟରେ ସାହିତ୍ୟ ସାଧନା ଉପରେ ଦୃଷ୍ଟି ପକାଇଲେ ଯେକେହି ହେଉନା କାହିଁକି ନିଶ୍ଚୟ ବିସ୍ମିତ ହେବ। ଓଡ଼ିଆ ସାହିତ୍ୟ ଜଗତରେ ପ୍ରାୟ ଛଅ ଦଶନ୍ଧି ଧରି ନିରବଚ୍ଛିନ୍ନ ଭାବେ ଲେଖନୀ ଚାଳନା କରି ସେ ସୃଷ୍ଟି କରି ପାରିଛନ୍ତି କୋଡ଼ିଏରୁ ଉର୍ଦ୍ଧ୍ୱ ଉପନ୍ୟାସ, ପଚିଶରୁ ଉର୍ଦ୍ଧ୍ୱ ଗଳ୍ପ ସଂକଳନ, ଅସଂଖ୍ୟ ପ୍ରବନ୍ଧ, କବିତା, ରମ୍ୟରଚନା, ଭ୍ରମଣ କାହାଣୀ ଏମିତି କେତେ କ'ଣ। ଓଡ଼ିଆ ସାହିତ୍ୟର ଏମିତି କୌଣସି ବିଭାଗ ନାହିଁ, ଯେଉଁଠି ସ୍ୱର୍ଗତ ହୋତାଙ୍କର ମନୋରମ ସ୍ମୃତି ନାହିଁ। ବାସ୍ତବିକ୍ ସାହିତ୍ୟ ଜଗତର ସେ ଏକ ଅମ୍ଳାନ ପ୍ରତିଭା। ତାଙ୍କ ସାହିତ୍ୟ କଳ୍ପନା ଅପେକ୍ଷା ବାସ୍ତବତାର କାହାଣୀ ବେଶି ଶୁଣାଏ, ଆଉ ସେଥିରେ ରହିଥାଏ ତାଙ୍କର ନିଚ୍ଛକ ଅନୁଭୂତି। ସେଇଥିପାଇଁ ସାହିତ୍ୟ ତାଙ୍କର ସାଉଁଟି ପାରିଛି ଅଜସ୍ର ପାଠକୀୟ ଶ୍ରଦ୍ଧା, ବିବିଧ ସମ୍ମାନ ଓ ଅନେକ ପୁରସ୍କାର। ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଭାବେ ତାଙ୍କର କାର୍ଯ୍ୟଧାରା ଥିଲା ନିଆରା।

ଜନତାଙ୍କୁ ପୁସ୍ତକମନସ୍କ କରାଇବାର ଲକ୍ଷ୍ୟ ନେଇ ସେ ହେଉଛନ୍ତି 'ଭୁବନେଶ୍ୱର ପୁସ୍ତକ ମେଳା'ର ଆଦ୍ୟ ପ୍ରବର୍ତ୍ତକ। ଭୁବନେଶ୍ୱର ପୁସ୍ତକମେଳାର ସଭାପତି, 'ଓଡ଼ିଶା ଲେଖକ ସମବାୟ ସମିତି'ର ସଭାପତି, 'ଲେଖକ ସାମ୍ମୁଖ୍ୟ'ର ସଭାପତି, 'କଳିଙ୍ଗ ଉନ୍ନୟନ ଟ୍ରଷ୍ଟ'ର ସଭାପତି, 'ମୁକ୍ତ ଚିନ୍ତନ ମଞ୍ଚ'ର ସଭାପତି, 'ସାରଳାଦାସ ସ୍ମୃତି ସଂସଦ'ର ସଭାପତି - ଏମିତି କେତେଯେ ସଭାପତି ପଦ ସେ ମଣ୍ଡନ କରିଥିଲେ ଖୋଜି ବସିଲେ ଆଖି ପାଏନା।

ଜଣେ ବଳିଷ୍ଠ ସଂପାଦକ ଭାବେ ସ୍ୱର୍ଗତ ହୋତା 'ସମୟ' ସମ୍ବାଦପତ୍ରର ସଂପାଦନା ଦାୟିତ୍ୱ ମୃତ୍ୟୁ ପର୍ଯ୍ୟନ୍ତ ବୁଝି ଆସୁଥିଲେ। ନିର୍ଭୀକତା, ସ୍ପଷ୍ଟବାଦିତା ଓ ଉନ୍ନତ ଭାଷାଶୈଳୀ ହିଁ ସ୍ୱର୍ଗତ ହୋତାଙ୍କର ବିଶେଷତ୍ୱ। ସେ ଏଭଳି ଜଣେ ସଂପାଦକ ଯାହାଙ୍କୁ ଦେଖିଲେ, ସମସ୍ତଙ୍କ ମୁଣ୍ଡ ତାଙ୍କ ଉଦ୍ଦେଶ୍ୟରେ ଛାଏଁ ଛାଏଁ ନଇଁ ଯାଉଥିଲା।

ସେ ଆଜି ଆମ ଗହଣରେ ନାହାଁନ୍ତି, ଏହା ବିଶ୍ୱାସ କରିହେଉନି। ତାଙ୍କର ରକ୍ତ ମାଂସ ଦେହଧାରୀ ଶରୀର ଏ ପଞ୍ଚଭୂତରେ ଲୀନ ହୋଇଯାଇଥିଲେ ମଧ୍ୟ ସେ କିନ୍ତୁ ସଦାସର୍ବଦା ଆମ ପାଖେ ପାଖେ ରହିଥିବେ ପ୍ରେରଣାର ଉତ୍ସ ହୋଇ। ହେ ଯୋଗଜନ୍ମା ! ଏ ଜାତିର ତୁମ ପାଦତଳେ କୋଟି କୋଟି ନମସ୍କାର।

# ସାର୍ ନଥିବାର ଦିନସବୁ



ଲକ୍ଷ୍ମୀ ଚାନ୍ଦ୍
ଲକ୍ଷ୍ମୀ ସାଗର,ସନ୍ତୋଷୀ ବିହାର
କ୍ୱାର୍ଟର ନମ୍ବର–୨୬୧/
୧୬୬୫
ଭୁବନେଶ୍ୱର–୬

ଏହା ଭିତରେ ବର୍ଷେ ବିତିଯାଇଛି କିନ୍ତୁ ସାତକଡ଼ି ସାର ଆମ ଗହଣରେ ନାହାନ୍ତି ବୋଲି ମୁଁ ଜମା ବିଶ୍ୱାସ କରିପାରୁନି। ଏବେ ବି ଲାଗୁଛି ସେ ସୌମ୍ୟା ନାନୀଙ୍କ ଘରେ ଅଛନ୍ତି ଏବଂ ଯେକୌଣସି ମୁହୂର୍ତ୍ତରେ ପହଞ୍ଚିଯାଇ ପଚାରିବେ - ଲେଖାଲେଖି କେମିତି ଚାଲିଛି, କଣ ନୂଆ ଲେଖିଲଣି ? ହଁ ଯେତେବେଳେ ଦେଖାହେଲେ ମୋତେ ପଚାରନ୍ତି ଏଇ କଥା। ମୋର ଲେଖାଲେଖିକୁ ନେଇ ସେ ଖୁବ୍ ଆଶାବାଦୀ ଥିଲେ। ଆଜି ଯାହା ବି ମୁଁ ଲେଖିପାରିଛି କିମ୍ବା ସାହିତ୍ୟ ଜଗତରେ ନିଜର ଏକ ସ୍ଥାନ ସୃଷ୍ଟି କରିପାରିଛି ତାହା କେବଳ ତାଙ୍କର ପ୍ରଚ୍ଛନ୍ନ ଆଶୀର୍ବାଦ ଏବଂ ମୋତେ ଭଲପାଇବା ହେତୁ। ୨୦୧୬ ଅଗଷ୍ଟରୁ ୨୦୨୩ ଅଗଷ୍ଟ ଯାଏ ମୁଁ ତାଙ୍କ ଘରେ ରହିଥିଲି। ମାତ୍ର ତାଙ୍କ ଘରେ ରହିବାର ବହୁ ପୂର୍ବରୁ ତାଙ୍କର ପ୍ରକାଶିତ ପତ୍ରିକା 'ଅମୃତାୟନ' ପାଇଁ ଲେଖା ଦେବା ଅବସରରେ ତାଙ୍କ ସହ ମୋର ପରିଚୟ ହୋଇଥିଲା। ମୁଁ କଟକରେ ଥିଲାବେଳେ 'ଅମୃତାୟନ'କୁ ନିୟମିତ ଲେଖା ପଠାଉଥିଲି। ସେଇ ସୁଯୋଗରେ ତାଙ୍କ ସହ କଥା ହୋଇଥିଲି। ସେତେବେଳେ ଭାବିନଥିଲି ଯେ ତାଙ୍କ ଘରେ ତାଙ୍କର ଏତେ ନିକଟରେ ଏତେ ବର୍ଷ ରହିବାର ସୁଯୋଗ ପାଇବି। ଏତେ ସରଳ, ଅମାୟିକ ଏବଂ ପରୋପକାରୀ ବ୍ୟକ୍ତି ମୋ ଜୀବନରେ ମୁଁ କ୍ୱଚିତ ଭେଟିଛି। ଦୀର୍ଘ ସାତ ବର୍ଷ ତାଙ୍କ ସହ ରହି ଅନେକ ସୁଖଦ ସ୍ମୃତି ସାଉଁଟିଛି ଯାହା ଆଜୀବନ ମୋତେ ଲେଖିବା ପାଇଁ ପ୍ରେରିତ କରିବ ଏବଂ ବେଳ ଅବେଳରେ ତାଙ୍କୁ ମନେ ପକାଇ ମୁଁ ଭାବବିହ୍ୱଳ ହୋଇପାରିବି। ନିଜ ପିଲାମାନଙ୍କଠୁ ମୋତେ ସେ ଟିକିଏ ବି ଭିନ୍ନ ଭାବିନାହାନ୍ତି। ନିଜ ଝିଅ ପରି ସବୁପ୍ରକାର ଭଲମନ୍ଦରେ ଭାଗୀଦାର କରିଛନ୍ତି। ସେ ଆମ ଗହଣରେ ନାହାନ୍ତି ବୋଲି ଭାବିଲାବେଳକୁ ଆଖିର ଲୁହ ବୋଲ ମାନୁନି। ଆଖି ଆଗରେ ତାଙ୍କର ସେ ସୁନ୍ଦର ସୌମ୍ୟ ଚେହେରା ସଦାବେଳେ ନାଚିଉଠୁଛି। ତାଙ୍କ ବିଷୟରେ ଲେଖିଲେ ରାତି ପାହିଯିବ। ତାଙ୍କ କର୍ମମୟ ଜୀବନ ଆମମାନଙ୍କ ପାଇଁ ଉଦାହରଣ ନିଶ୍ଚୟ। ତାଙ୍କ ସହ ଯେକୌଣସି ବିଷୟରେ ଆଲୋଚନା କଲେ ଖୁବ୍ ଆଗ୍ରହର ସହ ଶୁଣନ୍ତି ଏବଂ ବୁଝେଇ ମଧ୍ୟ ଦିଅନ୍ତି। ଲେଖାରେ ଥିବା ତୃଟି ସଂଶୋଧନ ପାଇଁ ମାର୍ଗ ଦେଖାଇବାରେ ଆଦୌ ହେଳା କରନ୍ତି ନାହିଁ। ଦେଖିବାକୁ ସେ ଯେମିତି ଶାନ୍ତ ସରଳ କଥା ମଧ୍ୟ ସେହିପରି। ଅନ୍ୟକୁ ସାହାଯ୍ୟ କରିବାକୁ ସଦା ତତ୍ପର ଥିବା ସାତକଡ଼ି ସାର ଅନ୍ୟର ଲେଖା ପ୍ରତି ଯଥେଷ୍ଟ ଯତ୍ନବାନ ଥିଲେ । 'ଅମୃତାୟନ'ରେ ପ୍ରକାଶିତ ହେଉଥିବା ଲେଖାସବୁକୁ ଅନୁଧ୍ୟାନ କଲେ ତାହା ଜଣାପଡେ। ଗୀତା ହୋତା ଏବଂ ସାତକଡି ସାରଙ୍କ ଆନ୍ତରିକ ଉଦ୍ୟମରେ ଅମୃତାୟନ ମାଧ୍ୟମରେ ଅନେକ ନବୀନ ଏବଂ ତରୁଣ ସାହିତ୍ୟିକ ସାହିତ୍ୟ ଜଗତରେ ନିଜ ନିଜ ପରିଚୟ ସୃଷ୍ଟି କରିପାରିଛନ୍ତି। ତାଙ୍କ ବିୟୋଗ ସାହିତ୍ୟ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ମୁଁ ଆଜି ବି ପ୍ରତି ମୁହୂର୍ତ୍ତରେ ତାଙ୍କ ଅସ୍ତିତ୍ୱ ଅନୁଭବ କରୁଛି। ସେ ଯେଉଁଠି ବି ଥାଆନ୍ତୁ ଈଶ୍ୱରଙ୍କ ସାନ୍ନିଧ ଲାଭ କରନ୍ତୁ ଏତିକି ଗୁହାରୀ ମୋର।

# ଚିରନମସ୍ୟା ଚୁନି ଅପା



ହିମାଂଶୁ ଶେଖର ଆଚାର୍ଯ୍ୟ
ଜଗତସିଂହପୁର
ମୋ–୯୯୩୭୧୫୧୦୫୨

ନାରୀ ଅବଳା-ଦୁର୍ବଳା ନୁହେଁ । ସେ ସମର୍ଥା । ଏକାଧାରରେ ସେ ଜାୟା ଜନନୀ ଭଗିନୀ । ପୁଣି କେତେବେଳେ ମହାକାଳୀ ତ କେତେବେଳେ ଦୁର୍ଗତିନାଶିନୀ ମା'ଦୁର୍ଗା। ଇତିହାସ ଓ ପୁରାଣ ପୃଷ୍ଠାରେ ଅନେକ ନାରୀଙ୍କ ଗୌରବ ଗାଥା ସ୍ଥାନିତ ହୋଇ ରହିଛି। ସେମାନେ କେବେବି ନାରୀ ମାନଙ୍କ ପାଇଁ ଉଦାହରଣ ହୋଇ ରହିଛନ୍ତି। ସେହିପରି ଭାରତର ମୁକ୍ତିସଂଗ୍ରାମ କଥା ଉଠିଲେ ଅନେକ ମହିୟସୀ ନାରୀ ନେତ୍ରୀ ଘରର ଚାରିକାନ୍ଥ ଭିତରୁ ବାହାରି ସେମାନେ ସଂଗ୍ରାମର ମଇଦାନକୁ ଓହ୍ଲାଇ ଆସିଥିଲେ। ଝାନ୍ସୀ ରାଣୀ ଲକ୍ଷ୍ମୀବାଇଙ୍କ ଠାରୁ ଆରମ୍ଭ କରି ରାଣୀ ଶୁକ ଦେଈଙ୍କ ପର୍ଯ୍ୟନ୍ତ ସେମାନଙ୍କ ତାଲିକା ବହୁତ ଲମ୍ବା। ସେହିପରି ଏହି ମୁକ୍ତି ସଂଗ୍ରାମ କଥା ଉଠିଲେ ଓଡିଶାର ଏମିତି ଏକ ପରିବାର କଥା ଉଠେ ଯେଉଁ ପରିବାର ଦେଶକୁ ସ୍ୱାଧୀନ କରିବାଲାଗି ନିଜର ସର୍ବସ୍ୱ ଜଳାଞ୍ଜଳି ଦେଇଥିଲେ । ସମ୍ଭ୍ରାନ୍ତପଣ ଓ ଜମିଦାରୀ ଠାଟକୁ ଆଡେଇ ଦେଇ ଏହି ପରିବାର ଦେଶର ସ୍ୱରାଜ୍ୟ ପାଇଁ ନିଜକୁ ଯେତିକି ସମର୍ପି ଦେଇଥିଲେ, ଓଡିଆ ସାହିତ୍ୟର ଅଭିବୃଦ୍ଧି ପାଇଁ ସେତିକି ସମର୍ପିତ ଥିଲେ। ଏହି ପରିବାର ହେଉଛି ଜଗତସିଂହପୁରର "ଚୌଧୁରୀ ପରିବାର" । ଚୌଧୁରୀ ପରିବାରର ସୁଯୋଗ୍ୟା ଦାୟାଦ ଅନ୍ନପୂର୍ଣ୍ଣା ଚୌଧୁରୀ (ମହାରଣା) । 'ଚୁନି ଅପା' ନାମରେ ସେ ଖ୍ୟାତି ଲାଭ କରିଥିଲେ।

ଅନ୍ନପୂର୍ଣ୍ଣା ମହାରଣା ୧୯୧୭ ମସିହା ନଭେମ୍ବର ୩ ତାରିଖରେ କଟକର ବାଖରାବାଦଠାରେ ଜନ୍ମଗ୍ରହଣ କରିଥିଲେ। ମହାନ୍ ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀ ଓ ମା' ରମାଦେବୀଙ୍କର ସେ ଥିଲେ ପ୍ରିୟ କନ୍ୟା। ବାଲ୍ୟକାଳରୁ ଉଭୟ ବାପା ଓ ମା'ଙ୍କ ସଂଗ୍ରାମମୟ ଜୀବନର ଛିଟା ପଡିଥିଲା ତାଙ୍କ ଉପରେ। ସୌଭାଗ୍ୟକୁ ସେ ଏମିତି ଏକ ପରିବାରରେ ଜନ୍ମ ନେଇଥିଲେ ଯେଉଁଠି ପ୍ରବାହିତ ହେଉଥିଲା ସ୍ୱାଧୀନତା ସଂଗ୍ରାମର ଆବହାୱା। ପରବର୍ତ୍ତୀ ପର୍ଯ୍ୟାୟରେ ଦାଦା ତରି ଆଶ୍ରମର ସନ୍ଥ ନବକୃଷ୍ଣ ଚୌଧୁରୀ, ଖୁଡୀ ବିପ୍ଳବିନୀ ମାଳତୀ ଚୌଧୁରୀ, ଭାଇ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ସାରଥୀ ମନମୋହନ ଚୌଧୁରୀ ଓ ବିବାହ ପରେ ସ୍ୱାମୀ ଶରତ ମହାରଣାଙ୍କ ଜୀବନାଦର୍ଶ ତାଙ୍କୁ ବହୁଭାବରେ ପ୍ରଭାବିତ କରିଥିଲା। ସେଇ ଆଦର୍ଶକୁ ପାଥେୟ କରି ସେ ନିଜକୁ ଜଣେ ମହୀୟସୀ ନାରୀ ନେତ୍ରୀ ରୂପେ ପ୍ରତିଷ୍ଠିତ କରିବାରେ ସଫଳ ହୋଇପାରିଥିଲେ।

ମାତ୍ର ୧୩ ବର୍ଷ ବୟସରେ ଜମିଦାରୀ ଆଭିଜାତ୍ୟ ପଛରେ ପକାଇ ବାନର ସେନା ଭାବେ ମାତୃଭୂମି ପାଇଁ ଲଢେଇରୁ ଆରମ୍ଭ ହୋଇଥିଲା ଅନ୍ନପୂର୍ଣ୍ଣାଙ୍କର ସଂଗ୍ରାମୀ ଜୀବନ। କୈଶୋର ଜୀବନର ଚପଳତା ବଦଳରେ ତାଙ୍କୁ କାରାଗାରର କଷ୍ଟ ସହ୍ୟ କରିବାକୁ ପଡିଥିଲା। ଆଉ ତାପରଠୁ ସେ ପଛକୁ ଫେରି ଚାହିଁନଥିଲେ। ତାପରର ଘଟଣା ଥିଲା ସ୍ୱର୍ଣ୍ଣାଭ ଇତିହାସ। ୧୯୩୪ ମସିହାରେ ଗାନ୍ଧିଜୀ ଆରମ୍ଭ କରିଥିବା ହରିଜନ ପଦଯାତ୍ରାର ସେ ସହଯୋଗୀ ଥିଲେ। ବରୀରେ ହରିଜନ ସେବା, ନିଶା ନିବାରଣ, ମୌଳିକ ଶିକ୍ଷା, ଖଦୀ, ଗ୍ରାମ ସଫେଇ ଭଳି ରଚନାତ୍ମକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ୧୯୪୨ରେ ଭାରତଛାଡ ଆନ୍ଦୋଳନରେ ସାମିଲ ହେବା ସହିତ ମା ରମାଦେବୀ ଓ ଖୁଡୀ ମାଳତୀ ଦେବୀଙ୍କ ସହିତ କୁଜଙ୍ଗରେ ଲବଣ ସତ୍ୟାଗ୍ରହର ନେତୃତ୍ୱ ନେଇଥିଲେ। ଏହି ସମୟରେ କଟକ ଓ ଯାଜପୁର ଜେଲରେ କଟିଥିଲା ଦୁଇବର୍ଷ ତିନିମାସ। ଚମ୍ବଲ ଉପତ୍ୟକାରେ ମଧ୍ୟ ତାଙ୍କର କଟିଥିଲା ଏକ ମାସ। ଏଥିସହିତ ଗାନ୍ଧିଜୀଙ୍କ ଡାକରାରେ ପୁରୀ ଜିଲ୍ଲାର ବୀର ନରସିଂହପୁର ଓ କଟକରେ ଖଦୀକାମ ଓ ଅସ୍ପୃଶ୍ୟତା ନିବାରଣ କାର୍ଯ୍ୟ କରିଥିଲେ।

ସେବାରେ ସେ ସର୍ବଦା ଆଗରେ ଥିଲେ। କେଉଁଠି କଣ ହେଲେ ତାଙ୍କୁ ଡାକିବାକୁ ପଡୁନଥିଲା। ସେ ଆପେ ଆପେ ସେଠାରେ ହାଜର ହୋଇଯାଉଥିଲେ। ବରୀ ଓ କଳାମାଟିଆ ଇଂରେଜ ବିରୋଧୀ ସଭାରେ ପୁଲିସ୍ ଆଖିବୁଜା ଗୁଳିରେ ଶିକାର ଆହତ ମାନଙ୍କର ସେବା କରିଥିଲେ। ଅନ୍ନପୂର୍ଣ୍ଣା ଏହି ସେବା ଭିତରେ ଗୁଳି ଆଗରେ ନିଜର ଛାତି ପାତିଦେଇଥିଲେ। ୧୯୬୬ ମସିହାରେ କଳାହାଣ୍ଡି ଦୁର୍ଭିକ୍ଷ, ୧୯୬୯ ମସିହାରେ ପ୍ରଳୟଙ୍କରୀ ବନ୍ୟା, ୧୯୯୯ ମସିହାରେ ମହାବାତ୍ୟାରେ ସର୍ବୋଦୟ ରିଲିଫ୍ କମିଟି ମାଧ୍ୟମରେ ନିଜକୁ ସଂପୂର୍ଣ୍ଣ ନିୟୋଜିତ କରିଥିଲେ। ୧୯୬୪ ମସିହାରେ ରାଉରକେଲାଠାରେ ହୋଇଥିବା ସାଂପ୍ରଦାୟିକ ଦଙ୍ଗା ପ୍ରଶମନରେ ଅନ୍ନପୂର୍ଣ୍ଣା ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେହିପରି ୧୯୬୪ ମସିହାର ଐତିହାସିକ ଛାତ୍ର ଆନ୍ଦୋଳନ ଓ ଡାକ୍ତରୀ ଛାତ୍ର ଆନ୍ଦୋଳନର ସମାଧାନ କ୍ଷେତ୍ରରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ୧୯୭୧ ମସିହାରେ ବାଙ୍ଗଲାଦେଶ ମୁକ୍ତି ଆନ୍ଦୋଳନ ସମୟରେ ଅନ୍ନପୂର୍ଣ୍ଣା ବାଙ୍ଗଲାଦେଶ ସୀମାରେ କାର୍ଯ୍ୟ କରିଥିଲେ। ଚମ୍ବଲ ଦସ୍ୟୁମାନଙ୍କ ସହିତ ରହି ୧୯୭୨ ମସିହାରେ ସେମାନଙ୍କୁ ଆତ୍ମ ସମର୍ପଣ ପାଇଁ ପ୍ରବର୍ତ୍ତାଇ ଥିଲେ ଓ ସେମାନେ ତାଙ୍କ ବ୍ୟକ୍ତିତ୍ୱରେ ପ୍ରଭାବିତ ହୋଇ ଜୟପ୍ରକାଶଙ୍କ ନିକଟରେ ଆତ୍ମ ସମର୍ପଣ କରିଥିଲେ।

ଆଦିବାସୀ ପିଲାଏ ଶିକ୍ଷିତ ହୋଇ ନିଜ ଜାତିକୁ ଶିକ୍ଷିତ କରାଇବେ। ଏହାଦ୍ୱାରା ସମାଜର ମଙ୍ଗଳ ହେବ ବୋଲି ଏହି କଥା ମର୍ମେ ମର୍ମେ ଅନୁଭବ କରିଥିଲେ ଅନ୍ନପୂର୍ଣ୍ଣା। ସେଥିପାଇଁ ରାୟଗଡା ନିକଟସ୍ଥ ଗୋପାଳବାଡିଠାରେ ଆଦିବାସୀ ଛାତ୍ରୀନିବାସ ଆରମ୍ଭ କରି ତାର ପରିଚାଳନା ଦାୟିତ୍ୱ ନେଇଥିଲେ ସେ । ସେଇ ବିଦ୍ୟାଳୟଟି ଆଜିବି ଅବିଭକ୍ତ କୋରାପୁଟ ଜିଲ୍ଲାର ଶିକ୍ଷା ବିକାଶ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ହୋଇ ରହିଛି। ଏହି ବିଦ୍ୟାଳୟ ଏବେ ବିରାଟ ଅନୁଷ୍ଠାନ ଭାବେ ଉଭା ହୋଇଛି। ଏହା ପଛରେ ରହିଛି ଅନ୍ନପୂର୍ଣ୍ଣା ମହାରଣାଙ୍କ ନିରବଚ୍ଛିନ୍ନ ସାଧନା ଓ ପ୍ରଚେଷ୍ଟାର ଫଳଶ୍ରୁତି। ସର୍ବୋଦୟ, ଭୂଦାନ ଓ ସମାଜ ସେବାରେ ନିଜକୁ ସମର୍ପିତ କରି ୧୯୫୦ ମସିହାରେ ଅନୁଗୁଳ, ୧୯୫୫ ମସିହାରେ ପୁରୀ ଓ ୨୦୦୩ ମସିହାରେ କଟକରେ ଅନୁଷ୍ଠିତ ଅଖିଳ ଭାରତୀୟ ସର୍ବୋଦୟ ସମ୍ମିଳନୀର ମୁଖ୍ୟ ଭୂମିକାରେ ରହିଥିଲେ। ବିଶେଷ କରି ସମାଜର ପଛୁଆବର୍ଗ, ମହିଳା ଓ ଆଦିବାସୀଙ୍କ ସେବାରେ ନିଜକୁ ନିୟୋଜିତ କରି ସେ ଆମମାନଙ୍କ ପାଇଁ ଉଦାହରଣ ହୋଇଯାଇଛନ୍ତି।

ସୃଜନଶୀଳତା କ୍ଷେତ୍ରରେ ମଧ୍ୟ ନିଜର ସ୍ୱତନ୍ତ୍ର ସ୍ୱାକ୍ଷର ଛାଡି ଯାଇଛନ୍ତି, ଅନ୍ନପୂର୍ଣ୍ଣା। କୌଣସି ନିର୍ଦ୍ଦିଷ୍ଟ ଶିକ୍ଷାଗତ ଯୋଗ୍ୟତା ନଥିଲେ ବି ସେହି ଅନୁଭବରୁ ଲେଖିଥିଲେ ପୁସ୍ତକ 'ଦସ୍ୟୁ ହୃଦୟରେ ଦେବତା' । ତାଙ୍କ ଜୀବନ ବ୍ୟାପୀ ଅନୁଭବରୁ ସୃଷ୍ଟି ହୋଇଥିଲା ଅମୃତ ଅନୁଭବ। ଏହା କେବଳ ତାଙ୍କ ଜୀବନ କାହାଣୀ ନୁହେଁ ଓଡିଶା ତଥା ଭାରତରେ ହୋଇଥିବା ଆଇନ ଅମାନ୍ୟ ଆନ୍ଦୋଳନ, ଭାରତଛାଡ ଆନ୍ଦୋଳନଠାରୁ ଆରମ୍ଭ କରି ଭୂଦାନ, ନିଶାନିବାରଣ ଆନ୍ଦୋଳନର ଏକ ଚମତ୍କାର ଅଙ୍ଗେନିଭା ଦଲିଲ୍। ତାଛଡା ଗୀତା ପ୍ରବଚନ, ଭାଗବତ ଧର୍ମସାର, ସ୍ଥିତପ୍ରଜ୍ଞ ଦର୍ଶନ, ନାରୀଶକ୍ତି, ସପ୍ତ ଶକ୍ତି, ଶିକ୍ଷା ତତ୍ତ୍ୱ, ଆଚାର୍ଯ୍ୟକୁଳ, ରାଷ୍ଟ୍ରୀୟ ଯୋଜନାର ମୂଳକଥା, ଶାନ୍ତି ସେନା, କାରାଗାର କାହାଣୀ, ଦକ୍ଷିଣ ଆଫ୍ରିକା ସତ୍ୟାଗ୍ରହ, ହିନ୍ଦ ସ୍ୱରାଜ, ଅନାସକ୍ତି ଯୋଗ ଭଳି ବହୁ ମୂଲ୍ୟବାନ ପୁସ୍ତକ ରଚନାକରିଛନ୍ତି।

ଜୀବନବ୍ୟାପୀ ସାଧନା ଓ ତ୍ୟାଗ ପାଇଁ ଅନ୍ନପୂର୍ଣ୍ଣାଙ୍କୁ ବହୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟ ଓ କୋରାପୁଟ ସ୍ଥିତ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ସମ୍ମାନ ସୂଚକ ଡକ୍ଟରେଟ୍ ଉପାଧି ଅନ୍ନପୂର୍ଣ୍ଣାଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ନିଜର ଆତ୍ମଜୀବନୀ 'ଅମୃତ ଅନୁଭବ' ପାଇଁ ସେ ପାଇଥିଲେ ସାରଳା ପୁରସ୍କାର। ଏଥି-ସହିତ ତାଙ୍କୁ ପ୍ରାଣନାଥ ସମ୍ମାନ, ଉତ୍କଳ ରତ୍ନ, ହେମଲତା ସମ୍ମାନ, ଆନ୍ତର୍ଜାତୀୟ ରୋଟାରୀ ସମ୍ମାନ, ଦିଓ୍ୱାଲି ବେନ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ଆଜୀବନ ସେବିକା ସମ୍ମାନ, ରାଧାନାଥ ରଥ ଫାଉଣ୍ଡେସନ୍ ସମ୍ମାନ ଭଳି ଅନେକ ସମ୍ମାନ ତାଙ୍କୁ ମିଳିଥିଲା । ସର୍ବୋପରି ସ୍ୱାଧୀନତା ସଂଗ୍ରାମୀ ଭାବେ ସେ ରାଷ୍ଟ୍ରପତିଙ୍କ ଦ୍ୱାରା ମଧ୍ୟ ସମ୍ବର୍ଦ୍ଧିତ ହୋଇଥିଲେ।

ଅନ୍ନପୂର୍ଣ୍ଣା ମହାରଣା ଆଜି ଆମ ଗହଣରେ ନାହାଁନ୍ତି। ୨୦୧୨ ମସିହା ଡିସେମ୍ବର ୩୧ତାରିଖ ଦିନ ତାଙ୍କର ଦେହାବସାନ ଘଟିଛି। ହେଲେ ସେ ଜୀଇଁ ରହିଛନ୍ତି ଓ ରହିଥିବେ କାଳ କାଳକୁ ତାଙ୍କର ତ୍ୟାଗ, ତିତିକ୍ଷା ଓ ସୁକର୍ମ ପାଇଁ । ଆଜି ସେ ଭାରି ମନେ ପଡୁଛନ୍ତି। ତାଙ୍କ କଥା ଓ ଗାଥା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହେଉ ଏତିକି କାମନା।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ଧୂପର ବାସ୍ନା

ଶିବାଶିଷ ପାଢ଼ୀ

ସେଦିନ ଥିଲା ବୁଧବାର, ହାଟପାଳି।

ସମୟ ହେଉଥିଲା ଦିନ ଏଗାରଟା। ସାଧାରଣତଃ ଏଇ ସମୟରେ ମୁଁ କେବେ ଘରେ ରହେନାହିଁ କିନ୍ତୁ ସେଦିନ ସାମାନ୍ୟ ଅସୁସ୍ଥତା ଅନୁଭବ କରୁଥିବାରୁ ଛୁଟି ନେଇଥିଲି ।

କାମ ନଥିଲା କିଛି ଏଣୁ ଆମ ଅଗଣାରେ ଦଉଡିଆ ଖଟ ଖଣ୍ଡେ ପକାଇ ଏମିତି ଗଡ଼ିଥିଲି। ଏମିତି ଗଡ଼ିବା ମାନେ ଆଜିକାଲି ଯାହା ମୋବାଇଲ ଖେଞ୍ଚିବା କଥା କିନ୍ତୁ ସକାଳୁ ମୋବାଇଲ ଦେଖିଦେଖି ବିରକ୍ତ ଲାଗୁଥିଲା ଏଣୁ ମୋବାଇଲକୁ ଘରେ ରଖିଦେଇଥିଲି ।

ଆଣିଥିଲି ଖବରକାଗଜକୁ । ଆଖି ପକାଉଥିଲି ମୁଁ । ସେତିକି ବେଳେ ଆସିଥିଲା ସେ ଲୋକଟି । ବାହାର କବାଟ ଖୋଲା ଥିଲା ଏଣୁ ସିଧା ମୋ ଖଟ ପାଖକୁ ଆସିଯାଇଥିଲା ସେ।

ହାଟପାଳି ଦିନ ଏମିତି ଅନେକ ଲୋକ ଆସନ୍ତି। ହାଟ ପାଖରେ ଆମ ଘର ଥିବାରୁ ଚିହ୍ନାଜଣା କିଏ ସାଇକେଲ ରଖିବାକୁ ତ କିଏ ପାଣି ପିଇବାକୁ ବି ଆସନ୍ତି। ମୋ ମାଆ ବୁଝେ ସେମାନଙ୍କ କଥା ଏଣୁ ମୁଁ ଧ୍ୟାନ ଦେଇ ନଥିଲି ସେଆଡକୁ। ସେ କିନ୍ତୁ ମୋତେ ଧ୍ୟାନ ଦେଇଥିଲା ଏଣୁ ମୋତେ ହିଁ ପଚାରିଲା -ମା କୁଆଡେ ଗଲେ ?

ଧୂପ ଆଣିଛି ବାବୁ , ରଖ

ମୋ ଆଡକୁ ଆସିଥିଲା ପ୍ରଶ୍ନ ତଥାପି ତାକୁ ଦେଖି ନଥିଲି ମୁଁ। ସେମିତି ହିଁ ଖବରକାଗଜ ପଢୁପଢୁ ପଚାରିଲି – ଅସଲି କି ନକଲି ହୋ ....

ବାବୁ ପୁରା ଅସଲି, କାଲି ତ ଆଣିଛି । ଏଇ ଦେଖ-କହି ବଢ଼ାଇଦେଲା ସେ ଛୋଟ ଜରି ପୁଡିଆକୁ । ମୁଁ ଉଠି କି ବସି ପଡିଲି । ଏବେ ଥରେ ଚାହିଁଥିଲି ତାକୁ। ପ୍ରାୟ ସତୁରି ବର୍ଷର ବୁଢ଼ାମଣିଷ ଜଣେ ଥିଲେ ସେ। ମଇଳା ଧୋତି ଖଣ୍ଡେ ଉପରେ ସାଧାରଣ ସାର୍ଟଟିଏ ପିନ୍ଧିଥିଲେ । ମୋଟା ଚଷମା ଯେ ସରକାରୀ ଚଷମା ଏକଥା ଜାଣି ପାରୁଥିଲି ମୁଁ । ହାତରେ ଧରିଥିଲେ ଲମ୍ବା ବାଉଁଶବାଡ଼ି ଖଣ୍ଡେ । ଧୂପକୁ ହାତ ମାରି ଦେଖିଥିଲି ମୁଁ। ମୋର ଯାହା ଜ୍ଞାନ ଥିଲା ସେତିକିରେ ଜାଣୁଥିଲି ଧୂପ ଅସଲିଥିଲା। ଏମିତି ଲୋକ ମିଛ କହନ୍ତି ନାହିଁ -ଏକଥା ମୋ ଅଭିଜ୍ଞତା କହୁଥିଲା ।

ଆନୁମାନିକ ପ୍ରାୟ ଶହେ ଦେଢ଼ଶହ ଗ୍ରାମର ଧୂପ ଥିଲା ଏଣୁ ମୁଁ ପଚାରିଦେଲି - କେତେ ଟଙ୍କା ହେବ ? ତାସହ ମା'କୁ ମଧ୍ୟ ଡାକ ଦେଲି ମୁଁ ।

ଶହେ ଟଙ୍କା ତ ଦିଅନ୍ତି ବାବୁ -କହିକି ତଳେ ବସି ଯାଇଥିଲେ ସେ । ଅବିଶ୍ୱାସ ଲାଗୁଥିଲା ମୋତେ ଆଶ୍ଚର୍ଯ୍ୟ ବି ଲାଗୁଥିଲା ଯଦିଓ ଧୂପର ଦର କେତେ ମୋତେ ଜଣା ନଥିଲା। ଜାଣିବାର କୌଣସି ଅବକାଶ ବି ତ ନଥିଲା।


ସବୁଦିନ ଆମଘରେ ପୂଜାପାଠ ଲାଗିଥାଏ । ସେସବୁ ମାଆ ହିଁ ବୁଝେ। କିଛି ଦରକାର ହେଲେ ପାଖ ଦୋକାନରୁ ଆଣେ ! ଯଦିଓ କିଛି ମୋ ହାତରେ କିଣାଏ ତେବେ ସବୁ ଜିନିଷର ଦର ମିଶିକି ଯେତେ ହୁଏ ମୁଁ ଦିଏ ଏଣୁ ସ୍ୱତନ୍ତ୍ର ଭାବେ ଧୂପର ଦର ଜାଣିବା ମୋ ପକ୍ଷେ ସମ୍ଭବ ନଥିଲା । ତଥାପି ଆମ ଗାଁ ଜଙ୍ଗଲରେ ଅତି ସହଜରେ ମିଳୁଥିବା ଧୂପର ଦର ଯେ ହଜାରେ ଟଙ୍କା କିଲୋ ହେବ ବିଶ୍ୱାସ ହେଉ ନଥିଲା ଏଣୁ ମୂଲଚାଲରେ ଲାଗିଗଲି ମୁଁ ।

କହିଲି – ଏତେକୁ ଆଉ ଶହେ ଟଙ୍କା ହେବ କି ହୋ... ଚାଳିଶ ପଚାଶ ହେବ।

ହେଲେ ମୋ ପ୍ରଶ୍ନର ଉତ୍ତର ଦେଇ ନଥିଲେ ସିଏ। ଯେବେ ବି ପାଇଥାଏ ତୁମ ଘରକୁ ହିଁ ଆଣେ। ତୁମ ମାଆ ମୋତେ ଶହେ ଟଙ୍କା ଦିଅନ୍ତି ।

ଆରେ ମୋର ମା କିଛି ଜାଣେ ନାହିଁ .... କହୁଥିଲି ମୁଁ କିନ୍ତୁ ସେତିକିବେଳକୁ ହଠାତ ଘର ଭିତରୁ ଅଗଣାକୁ ଆସିଥିଲା ମାଆ।

ହାତରେ ଧରିଥିବା ଶହେ ଟଙ୍କାକୁ ତାଙ୍କୁ ଧରାଇ କାନ ପାଖରେ କହିଥିଲା- ପୁଣି, ଯେବେ ପାଇଲେ ଆଣିଦେବ। ସରି ଗଲାଣି ।



ହଁ ହଁ କହି ବାଡ଼ିକୁ ଭରାଦେଇ ଉଠିଥିଲେ ସେ ! ଚାଲି ଯାଉଥିଲେ ଧୀରେଧୀରେ ।

ଏପଟେ ବିରକ୍ତ ହେଉଥିଲି ମୁଁ ।କହିଥିଲି -ଏମିତି ଟଙ୍କା ବର୍ବାଦ କରିବା ଠିକ କଥା କି ମାଆ ? ମୁଁ ପରା କଥା ହେଉଥିଲି ?

ଏଡ଼େ ଟିକିଏ ଧୂପର ଦାମ କଣ ଶହେଟଙ୍କା ହେବ? ହେବ ନାହିଁ ବାବୁ ? କହୁଥିଲା ମା ତା ସହ ମୋ ଖଟରେ ବସି ଭିତରୁ ଆଣିଥିବା ଧୂପ ଡବାରେ ଧୂପକୁ ଭର୍ତ୍ତି କରୁଥିଲା ସେ ! ପୁଣି ଥରେ ଆଶ୍ଚର୍ଯ୍ୟ ହେଉଥିଲି ମୁଁ କାରଣ ସେ ଡବାରେ ଆଗରୁ ହିଁ ବହୁତ ଧୂପ ଥିଲା ।

ହେବ ନାହିଁ ତ ଶହେଟଙ୍କା କାହିଁକି? ପୁଣି ପ୍ରଶ୍ନ କରୁଥିଲି ମୁଁ ।

ମୁଁ ତ ଧୂପର ଦାମ ଦେଇନି ବାବୁ। ମୁଁ ଦାମ ଦେଇଛି ତାର ବିଶ୍ୱାସର, ଆଶାର, ଭରସାର ।

ତୁ ଜାଣିଛୁ ସେ କେବେ ମାପ କରନ୍ତି ନାହିଁ। ଧୂପ ପାଇଲା ମାତ୍ରକେ ସବୁକୁ ନେଇ ଏଇ ବୟସରେ ଛ କିଲୋମିଟର ଚାଲି ଚାଲି ଆମ ଘରକୁ ହିଁ ଆସନ୍ତି। କେବେ ଅଧ କିଲୋ ତ କେବେ ଦୁଇଶହ ପଚାଶ ଗ୍ରାମ କି ତିନି ଶହ । ସେ କେବେ ଅଧିକ ମାଗି ନାହାନ୍ତି ଆଜିଯାଏ। ତାଙ୍କ ଭରସା ଅଛି ଏତକରେ ମିଳିଯିବ ଶହେ ଟଙ୍କା। ହାଟ ଚଳିଯିବ । ଦୁଇ ଚାରିଦିନ ଚଳିଯିବେ ଦୁଇ ପ୍ରାଣୀ କୁଟୁମ୍ବ !

ତାଙ୍କ ଭରସା ଆଗରେ ଶହେ ଟଙ୍କା କଣ ବେଶି ହୋଇଗଲା କି ବାବୁ ?

ପ୍ରଶ୍ନ କରୁଥିଲା ମାଆ ।

ନା ମାଆ, କମ ହୋଇଗଲା ! ସ୍ୱତଃସ୍ଫୁର୍ତ୍ତ ଭାବେ କହିଥିଲି ମୁଁ !

କେତେବେଳୁ ଧୂପଡବାକୁ ବନ୍ଦ କରିସାରିଥିଲା ମାଆ କିନ୍ତୁ ମୋତେ ଆବୋରି ପକାଉଥିଲା ଧୂପର ଗାଢ଼ ବାସ୍ନା !!!

ହେମଗିର, ସୁନ୍ଦରଗଡ଼
ମୋ-୯୭୭୮୧୭୪୯୭୮

# ଜୀବନ ଯୁଦ୍ଧ

ସୁଦର୍ଶନ ମହାପାତ୍ର

ମୋବାଇଲ ସ୍କ୍ରିନରେ ଭାଇଙ୍କ ନାଁ ଦେଖି ପ୍ରଥମେ ଦ୍ୱିଧାରେ ପଡିଲା ଭବ୍ୟା। ଦୀର୍ଘ ଦିନ ପରେ ଭାଇ ଫୋନ୍ କରିଛନ୍ତି !

ଭବେଶଙ୍କ ସହିତ ତା'ର ସମ୍ପର୍କକୁ ବିରୋଧ କରିଥିଲେ ପୁରା ପରିବାର। ଭିନ୍ନ ଜାତିରେ ତା'ର ବାହାଘର ପସନ୍ଦ କରୁନଥିଲେ କେହି। ତାପରେ ବି ଭବେଶର ଦୁର୍ଗୁଣ ବିଷୟରେ ଶୁଣିବାକୁ ମିଳିଥିଲା ଭବ୍ୟାର କିଛି ବନ୍ଧୁ ମାନଙ୍କ ଠାରୁ। ହେଲେ ସେ ତା' ଜିଦ୍‌ରେ ଅଟକ ରହି ଘର ଆଉ ଭବେଶଙ୍କ ସହିତ ପ୍ରେମ ସମ୍ପର୍କ ମଧ୍ୟରୁ ଦ୍ୱିତୀୟଟିକୁ ହିଁ ବାଛିଥିଲା ଏବଂ ଦିନେ ସମସ୍ତଙ୍କ ଅଲକ୍ଷ୍ୟରେ ଘର ଛାଡିଥିଲା। ସେବେ ଠାରୁ ତା' ସହିତ ଘରର ସଂପର୍କ ଏକରକମ କଟି ଯାଇଥିଲା।

ଭବ୍ୟା ଘର ଛାଡ଼ିବା ପରେ ହଠାତ୍ ବାପାଙ୍କର ହୃଦଘାତରେ ମୃତ୍ୟୁ ହୋଇଗଲା ତ, ତାକୁ କେହି ଖବର ଦେଇ ନଥିଲେ। ସେ ଖବର ପାଇଲା ବେଳକୁ ବାପାଙ୍କର କ୍ରିୟା କର୍ମ ସରିଯାଇଥିଲା। ଆହତ ଅଭିମାନରେ ଗୁମୁରି ଉଠିଥିଲା ଭବ୍ୟା। ତାରି ଚିନ୍ତାରେ ବାପାଙ୍କର ଏମିତି ଅବସ୍ଥା ହେଲା ବୋଲି ଘର ଠାରୁ ବାହାର ପର୍ଯ୍ୟନ୍ତ ଲୋକେ କଥା ହେଉଥିଲେ ବୋଲି ଶୁଣିଲା ଭବ୍ୟା।

ସେପଟୁ ଭାଇ ନୁହେଁ, ବୋଉର 'ହେଲୋ' ଶବ୍ଦ ଶୁଣି ଖୁସିରେ ଯେମିତି ନାଚି ଉଠିଲା ଭବ୍ୟା। 'ଟିକିଏ ରହ' କହି ମୋବାଇଲକୁ ଧରି ବାଲକୋନୀକୁ ଚାଲିଗଲା ବଡ଼ ଆଗ୍ରହରେ। ହେଲେ ପର ମୂହୁର୍ତ୍ତରେ ଭିତରେ ଭିତରେ ସାଙ୍କୁଡି ଉଠିଲା । ଆଉ କିଛି ଖରାପ ସମ୍ବାଦ ପାଇବନି ତ ବୋଉ ଠାରୁ !

'ତୁ ଆସୁନୁ... ?' ବୋଉର ଥରିଲା କଣ୍ଠର ସ୍ୱର। ଆହା.. କେତେ ଦିନ ପରେ ସେଇ ଅମୃତବୋଳା କଣ୍ଠର ଗୁଞ୍ଜନ ! ପଦ୍ମତୋଳାର ଝଙ୍କାର ! ନାକ କାନ୍ଦୁରୀ ବୋଉର ସ୍ନେହ ବୋଳା ଆମନ୍ତ୍ରଣ। ଭବ୍ୟା କଣ୍ଠରେ ଅମିତ କୋହର ଉଦଗିରଣ.. !!

ବିନା ସିନ୍ଦୂର ବିନ୍ଦୁରେ ବୋଉର କପାଳ କେମିତି ଦିଶୁଥିବ ? ଆହା ବିଚାରି ? କେତେ ଦିଅଁ ଦେବତାଙ୍କୁ ଡାକୁଥିଲା ଅହ୍ୟ ବେଶରେ ସଜ୍ଜିତ ହୋଇ ନିଆଁରେ ଦାହ ହେବାକୁ..! ସେ କ'ଣ କ୍ଷମା କରିଦେଇଛି ତା ଝିଅକୁ... !

-' ଘରକୁ ଯିବି ? ସତରେ ଯିବି ବୋଉ... ? ଭାଇ ଭାଉଜ.. ?'

କୋହ ଜର୍ଜରିତ କଣ୍ଠରେ କଥା ଢ଼ୋକି ହୋଇଗଲା ଆପେ.. !

-' ଯିଏ ତୋତେ ପ୍ରାଣଠୁ ବି ଭଲ ପାଉଥିଲେ ସେ ତ ଆଉ ନାହାନ୍ତି। ତା' ବୋଲି ତୋତେ କ'ଣ କେହି ଆଦର ଯତ୍ନ କରିବେନି ବୋଲି ତୁ ମନେ କରୁଛୁ ? ତୁ ସିନା କାହାର ଆଦର ଯତ୍ନକୁ ଭୁଲି ତୋ ପସନ୍ଦର କାମ କଲୁ, ହେଲେ ନିଜ ରକ୍ତର ସମ୍ପର୍କ କ'ଣ ତୁଟିଯିବ ?'

ଭବ୍ୟା ତୁନି ପଡିଲା କ୍ଷଣେ। 'ସୁବିଧା ଦେଖି ଯିବି' ବୋଲି କହି ଫୋନ୍ ରଖିଲା ତ, ପରକ୍ଷଣରେ ଉବୁଟୁବୁ ହେଉଥିବା ଦୁଃଖ ଓ ଗ୍ଳାନିରେ ଭାଙ୍ଗିରୁଜି ଗଲା ନିଜ ଭିତରେ। ଆଖିରୁ ଲୁହଧାର ଅବିରତ ବୋହିବାରେ ଲାଗିଲା।

ଭବେଶଙ୍କୁ ଚିହ୍ନିବାରେ ଭୁଲ୍ କରିଦେଇଥିଲା ବୋଲି ଅନୁତାପ କରିବା ଛଡ଼ା ଆଉ କିଛି ଉପାୟ ନାହିଁ। ତାଙ୍କର ତା ଦେହ ଛଡା ଏବେ କୌଣସି କଥାରେ ଆଗ୍ରହ ନାହିଁ। ନିଜ ଭାଗ୍ୟର ବିଡମ୍ବନାକୁ ନିଜେ ଆମନ୍ତ୍ରଣ କରିଛି ତ ଦୋଷ ଦେବ ଆଉ କାହାକୁ ?

ପୁଣି ଥରେ ଫୋନ୍ ରିଂ ହେଲା। ଏଥର କଥା ହେଲେ ଭାଉଜ ।

-' ଶୁଣ, ଭବ୍ୟା। ମୁଁ ବି ତୁମରି ପରି ଗୋଟିଏ ନାରୀ। ତୁମ କଥା ମୁଁ ବୁଝି ପାରୁଛି। ତୁମ ଆକାଉଣ୍ଟ ନମ୍ବର ଦିଅ। ତୁମ ଭାଇ ସେଇ ନମ୍ବରରେ ଟଙ୍କା



ପଠେଇ ଦେବେ। ତୁମ ବିଷୟରେ ତୁମ ସାଂଗ ବିନିଙ୍କ ଠାରୁ ସବୁ କଥା ବୁଝି ସାରିଛନ୍ତି ଭାଇ।'

ଏଥର ଭବ୍ୟାର କରୁଣ କାନ୍ଦ ସ୍ୱର ଶୁଣି ପାରିଲେ ଭାଉଜ।

-'ଭାଉଜ ମୋତେ କ୍ଷମା କରିଦିଅ। ଏତେ ସବୁ ପରେ ବି ତୁମେ ମାନେ ସମସ୍ତେ ମୋର ଭଲ ଚାହୁଁଛ । ହେଲେ ମୁଁ ତୁମ ମାନଙ୍କ ମନରେ ଯଥେଷ୍ଟ ଆଘାତ ଦେଇଛି।'

-'ଯାହା ତ ହୋଇ ସାରିଛି। ତୁମେ କେବେ ଆସି ତୁମ ବାହାଘର ପାଇଁ ତିଆରି ହେଇଥିବା ଗହଣା ଗୁଡିକ ବି ନେଇଯାଅ। ଖାସ୍ ସେଇଥିପାଇଁ ତୁମକୁ ବୋଉ ଘରକୁ ଆସିବା ପାଇଁ କହୁଥିଲେ। ଦେଖ ତୁମେ ଭଲରେ ରହିଲେ ସିନା ଆମେ ମାନେ ସବୁ ଏଠି ଶାନ୍ତିରେ ରହିବୁ।'

-'ଭାଇଙ୍କୁ କହିବ ମୋ ପାଖକୁ କିଛି ବି ଟଙ୍କା ପଠେଇବେ ନାହିଁ। ଟଙ୍କା ଦେଲେ ଏ ଲୋକର ଔଦ୍ଧତ୍ୟ ଆହୁରି ବେଶି ବଢିଯିବ। ସୁନାଗହଣା ତ ବିଲକୁଲ ବି ନୁହେଁ। ମୁଁ ମୋ ପାପର ପ୍ରାୟଶ୍ଚିତ ନିଜେ କରିବାକୁ ଚାହୁଁଛି।'

-'ଶୁଣ ଭବ୍ୟା, ତୁ ମୋ ଛୋଟ ଭଉଣୀ। ତୁ କୌଣସି ବିପଦରେ ପଡିଲେ ତୋତେ ସେଥିରୁ ମୁକୁଳାଇବା ଦାୟିତ୍ୱ ଏବେ ମୋର। ବାପା ନାହାନ୍ତି ବୋଲି ତୁ ଭାବିନେ ତୋର ଭାଇ ଏବେ ତୋର ବାପା ସମାନ। କହ ମୋତେ, ତୋ ପାଇଁ ମୁଁ କ'ଣ କରି ପାରିବି ? ମୁଁ ପ୍ରସ୍ତୁତ ଅଛି। ହେଲେ ତୁ କୌଣସି ଭୁଲ୍ ରାସ୍ତା ବାଛିବୁନି।'

ଭାଇଙ୍କ କଥା ଶୁଣି ଭବ୍ୟାର କଣ୍ଠରୁଦ୍ଧ ହୋଇ ଆସୁଥିଲା। ତା'ର କାନ୍ଦ ଶବ୍ଦ ସ୍ପଷ୍ଟ ଶୁଭୁଥିଲା ପରିବାରର ପ୍ରତ୍ୟେକ ସଦସ୍ୟମାନଙ୍କୁ । ଭବ୍ୟା ଏଥର ଶୁଣିଲା ପୁଣି ଥରେ ଭାଉଜଙ୍କ ସ୍ୱର।

-' ଶୁଣ ଭବ୍ୟା, ତୁମେ ସେଠାରୁ ପ୍ରତ୍ୟାବର୍ତ୍ତନ କରିବାକୁ ଚାହିଁବ ତ ଆମେ ତୁମକୁ ନିଶ୍ଚୟ ପାଛୋଟି ନେବୁ। ତୁମ ଘର। ତୁମକୁ ଫେରିବାକୁ କିଏ ମନା କରିବ ?ହେଲେ ତୁମ ଇଚ୍ଛା ଆଉ ସିଦ୍ଧାନ୍ତ ଉପରେ ସବୁ ନିର୍ଭର କରେ। କହିବ ଯଦି ଆମେ ଯାଇ ତୁମକୁ ନେଇ ଆସିବୁ। ତେଣିକି ଦେଖିବା..! ତୁମ ଭବିଷ୍ୟତ ବିଷୟରେ ଆମେ ସମସ୍ତେ ମିଶି ଆଲୋଚନା କରିବା।'

-' ଭାଉଜ, ସେ ହେଉଛନ୍ତି ଗୋଟିଏ ଜହ୍ଲାଦ। ବହୁତ ଝିଅଙ୍କ ସହିତ ତାଙ୍କର ସମ୍ପର୍କ। ମୋତେ ଏବେ ତାଙ୍କ ପାଇଁ ଟଙ୍କା ରୋଜଗାର ପାଇଁ ସେଇ ନିଷିଦ୍ଧ ଅଞ୍ଚଳକୁ ପଠାଇବାକୁ ବାଧ କରୁଛନ୍ତି। ମୋ ଦେହରେ ପ୍ରତ୍ୟହ ତାଙ୍କ ନିର୍ଯାତନାର ଦାଗ...! ହାହୁତାଶମୟ ଜ୍ୱାଳାରେ ଦଗ୍ଧ ହେବା ଅପେକ୍ଷା ଏ ଜୀବନରୁ ମୁକ୍ତି ପାଇଯିବା ବରଂ ଭଲ।'

-' ବିଲକୁଲ ନୁହେଁ। ନିଜକୁ ଅସହାୟ ମନେ କରନା। ଆମେ ତୁମ ସହ ଅଛୁ। ତୁମକୁ ଏତେ ଦୁର୍ବଳ ବୋଲି ମୁଁ ମାନି ପାରୁନି। ପରିବାର ବିପକ୍ଷରେ ଯେଉଁ ଝିଅ ଯାଇପାରେ, ସେ ଅନ୍ୟ କାହା ବିପକ୍ଷରେ ବି ଯାଇପାରେ... !'

ଆପାର୍ଟମେଣ୍ଟର ଛଅ ତାଲା ଉପରୁ ଖସିପଡ଼ି ଭବେଶର ମୃତ୍ୟୁ ଖବର ପରଦିନ ସମ୍ବାଦପତ୍ରର ପୃଷ୍ଠା ମଣ୍ଡନ କରିଥିଲା। ଭବ୍ୟାକୁ ପୋଲିସ ଆରେଷ୍ଟ କଲାବେଳେ ତା' ମୁହଁରେ ଏକ ଖୁସିର ଝଲକ ଦେଖିବାକୁ ମିଳିଥିଲା। ଟିଭିରେ ପ୍ରସାରିତ ଏ ଦୃଶ୍ୟରେ ଆଶ୍ଚର୍ଯ୍ୟ ଚକିତ ହୋଇଯାଇଥିଲେ ଭବ୍ୟାର ଆତ୍ମୀୟ ସ୍ୱଜନ... ! ନ୍ୟାୟିକ ଯୁଦ୍ଧରେ ଅବତୀର୍ଣ୍ଣ ହେବା ପାଇଁ ପ୍ରସ୍ତୁତ ହେଉଥିଲେ ଭବ୍ୟାର ପରିବାର ।

କୁଞ୍ଜବିହାରୀ ଲେନ,
କଟକ

# ସତ୍‌ସଙ୍ଗର ପ୍ରଭାବ..

ମନୋଜ କୁମାର ବେହେରା



ଗୋଟିଏ ସହରରେ ସତ୍‌ସଙ୍ଗ ଚାଲିଥିଲା। ଚାରିଆଡୁ ବହୁତ ଲୋକ ପ୍ରବଚନ ଶୁଣିବାକୁ ଆସିଥିଲେ । ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ପଚାରିଲେ, ମହାରାଜ ! ଆଜିକାଲି ଘର ମାନଙ୍କର ଆର୍ଥିକ ସ୍ଥିତି ବିଗିଡିବା ଆଉ ବଢୁଥିବା ମାନସିକଚନ୍ତାର କାରଣ କ'ଣ ? ସନ୍ଥମହାରାଜ ଏହାଶୁଣି ଟିକଏ ହସିଲେ ଆଉ କହିଲେ, ଆଜିକାଲି ପ୍ରାୟତଃ ଘରର ସମସ୍ତ ସଦସ୍ୟଙ୍କ ପାଖରେ ଦାମୀ ସ୍ମାର୍ଟଫୋନ୍ ଅଛି । ଏହାର କୁପ୍ରଭାବ ଆଉ ଏହାର ବଢୁଥିବା ମାସିକ ରିଚାର୍ଜ ଅର୍ଥ ପରିବାରର ରୋଜଗାର କରୁଥିବା ଲୋକ ଉପରେ ପଡୁଛି । ଅନ୍ୟଙ୍କୁ ଦେଖେଇବା ପାଇଁ ବାହାରେ ବୁଲିବାର ଲାଳସା । ମୋଟର ସାଇକେଲରେ ତ କାମ ହେଇପାରିବ କିନ୍ତୁ ଷ୍ଟାଟସ୍ ପାଇଁ କାର ଦରକାର । ଘରେ ଖାଇବା ବନେଇବା ବଦଳରେ ବାହାରର ଖାଦ୍ୟ କିଣିଖାଇବାର ଅଭ୍ୟାସ । ଆଉ ବିୟୁଟି ପାର୍ଲର, ସେଲୁନ, ଦାମୀପୋଷାକର ଇଛା । ଜନ୍ମଦିନ ଆଉବିବାହ ବାର୍ଷିକରେ ଧନର ଅପବ୍ୟୟ । ବାହାଘର ଆଉ ନିର୍ବନ୍ଧରେ ଲୋକଙ୍କୁ ଦେଖେଇବା ପାଇଁ ଆବଶ୍ୟକତାଠାରୁ ଅଧିକ ଖର୍ଚ୍ଚକରିବା । ଛୁଆଙ୍କୁ ଘରୋଇ ସ୍କୁଲ୍‌ରେ ପଢେଇବାର ଫେଶନ୍ ଆଉ ସ୍କୁଲ୍ ଏବଂ ଟିୟୁସନ୍ ଫିସ୍‌ରେ ବୃଦ୍ଧି । ଫାଲ୍‌ତୁ ଜୀବନଶୈଳୀର କାରଣରୁ ମେଡିକାଲର ଖର୍ଚ୍ଚରେ ଅଧିକବ୍ୟୟ । ଲୋନ୍ ନେଇକରି ବହୁତ ଉଚ୍ଚ ଦରର ସୁଧ ଶୁଝିବା ଆଉ କ୍ରେଡିଟ୍‌କାର୍ଡରେ ଆବଶ୍ୟକଠାରୁ ଅଧିକ ଜିନିଷ କିଣିବାର ଅଭ୍ୟାସ । ଏହି ଖର୍ଚ୍ଚର କାରଣରୁ ନା ଆମର ରୋଜଗାରରେ ବୃଦ୍ଧି ହେଉଛି ନା ସଞ୍ଚୟ ହେଇପାରୁଛି । ପରିଣାମସ୍ୱରୂପ ଅଧିକାଂଶ ସମୟରେ ଅଶାନ୍ତିର ମାନସିକଚିନ୍ତା ଲାଗିରହୁଛି । ଏହାକୁ ଏଡେଇବା ହେଲେ ନିଜର ଖର୍ଚ୍ଚକୁ କମ୍ କରିବାକୁ ପଡିବ । ମନୁଷ୍ୟର ମୂଳ ଆବଶ୍ୟକତା ଖାଦ୍ୟ, ବସ୍ତ୍ର ଆଉ ରହିବା ପାଇଁ ଗୃହ ଥିଲା ଆଉଏହା ଆଗକୁ ରହିବ । ମନୁଷ୍ୟ ଆଜି କମ୍‌ବୟସରେ ଅସୁସ୍ଥହୋଇ ଯାଉଛି, ଦୁଃଖୀ ରହୁଛି ଆଉ ଅସଫଳ ହେବା କାରଣରୁ ଆମେ ଜୀବନ ଜୀଇଁବାର ପ୍ରଣାଳୀକୁ ଭୁଲି ଯାଇଛେ । ଆଉ ଘରର ଶୁଦ୍ଧ ଭୋଜନ ଖାଆନ୍ତୁ ଏବଂ ଅନ୍ୟଙ୍କୁ ଦେଖେଇ ହେବାର ପ୍ରବୃତ୍ତିକୁ ତ୍ୟାଗକରି ଆନନ୍ଦରେ ରୁହନ୍ତୁ। ଧନୀ ଆଉ ଗରୀବ ଭାଗ୍ୟ ଦ୍ୱାରା ନିର୍ଣ୍ଣିତ ଥାଏ । କିନ୍ତୁ କର୍ମବିଚାର ଆଉ ଜୀବନ ଜୀଇଁବାର ପ୍ରଣାଳୀ ତୁମ ପାଖରେ ସୁରକ୍ଷିତ ଅଛି ।

ପ୍ଲଟ ନମ୍ବର-୨୧୭/ପି,
ବାୟାବାବା ମଠଲେନ୍,
ୟୁନିଟ୍-୯(ଫ୍ଲାଟ),
ଭୁବନେଶ୍ୱର-୨୨
ଫୋନ୍-୭୯୭୮୮୩୦୬୧୧

# ଦେଶପ୍ରୀତି

ଶ୍ରୀମାନି ପ୍ରିୟଦର୍ଶିନୀ ଦାସ



ଶୀତ ସକାଳର ଦଲକାଏ ପବନ ଦେହ ଥରାଇ ଦେଉଥାଏ । ଭୋରରୁ ସ୍କୁଲ ସାର୍ ଆସି ଲଡୁ, ଚକୋଲେଟ୍, ବିସ୍କୁଟ, କଲମ ପ୍ରଭୃତି କିଣି ନେଇ ଚାଲିଗଲେଣି। ଛୋଟ ପିଲାମାନଙ୍କର କୋଳାହଳମୟ ପରିବେଶ ଜଣାଇ ଦେଉଥିଲା ଆଜି ସାଧାରଣତନ୍ତ୍ର ଦିବସ। ଦୋକାନ ଭିତରେ ନାତି ତାଙ୍କର ବସିଛି ଅନ୍ୟ ଗରାଖମାନଙ୍କ ଅପେକ୍ଷାରେ । ଆଖିକୁ ଆଉ ଦିଶୁନି କେବେଠୁ, କିନ୍ତୁ ସେ ଦେଖିପାରୁଥିଲେ ଦୋକାନକୁ ଆସୁଥିବା ସମସ୍ତଙ୍କ ହାତରେ ଫର ଫର ହୋଇ ଉଡୁଥିବା ତ୍ରିରଙ୍ଗା । ଯାହାକି ଅନ୍ୟ ଦିନମାନଙ୍କରେ ଦେଖିବା ସ୍ୱପ୍ନ ।

ବିଧାୟକ ଆସିବେ । ତାଙ୍କ ପାଇଁ ଗାଁ ରାସ୍ତାଘାଟ ଆଜି ପରିଚ୍ଛନ୍ନ । ଆଜି ସମସ୍ତେ ଦେଶକୁ ମନେପକାଇବେ । ଦେଶପାଇଁ, ଗ୍ରାମ୍ୟପାଇଁ ଅନେକ ବକ୍ତବ୍ୟ ଦିଆଯିବ । ତହିଁ ଆରଦିନ ଦେଇଥିବା ବକ୍ତବ୍ୟର ଗୋଟିଏ ଧାଡ଼ି ମଧ ମନେନଥିବ । ଗାଁ ଆରମ୍ଭରେ ସ୍ଥାପିତ ତାଙ୍କ ଶହୀଦ ପୁତ୍ର ଏବଂ ସ୍ୱାଧୀନତା ସଂଗ୍ରାମୀ ଭାଇଙ୍କ ପ୍ରତିମୂର୍ତ୍ତିରେ ଫୁଲମାଳଟିଏ ପଡ଼ିବ । ସେଇ ଫୁଲମାଳଟି କଢ଼ାଯିବ ଆସୁଥିବା ସ୍ୱାଧୀନତା ଦିବସରେ । ନାତି ହୁଇଲ୍ ଚେୟାର କାଢି ଚାଲି ଯାଉଥିଲା ପ୍ରତିମୂର୍ତ୍ତି ଦୁଇଟିର ନିକଟକୁ । ସେ ଯେ ଶଯ୍ୟାଶାୟୀ । ଗୋଡ ହାତ କାମ କରୁଥିବା ବେଳେ ନିଜେ ଯାଇ ଝାଳୁଆ ଗାମୁଛାରେ ପୋଛି ଦେଉଥିଲେ ଦୁହିଁଙ୍କ ପ୍ରତିମୂର୍ତ୍ତି । ସେ ଶୁଣିଛନ୍ତି ଏକୁଟିଆ ଥିବା ସମୟରେ ନାତିର ବିକଳ କ୍ରନ୍ଦନ। ବାଲ୍ୟକାଳରୁ ଇଚ୍ଛାଥିଲା ନିଜ ପିତାଙ୍କ ପରି ସୈନିକଟିଏ ହେବ; ଦେଶପାଇଁ ଜୀବନ ଦେବ । କେତେ ଦୁର୍ଭାଗ୍ୟର ଦିନଟିଏ ଥିଲା ସେଦିନ ! ଟ୍ରକ ତଳେ ଚାପି ହୋଇ ଗୋଡ ଦୁଇଟି ହରାଇଥିଲା ନାତି ।

ସେଇଦିନୁ ଗୋଟେ ବିରାଟ ଅବସୋସ ନେଇ ଭାରି ହୃଦୟରେ ବଞ୍ଚିଛି ଯାହା । ପେନସନ ସହିତ ଦୋକାନଟିଏ କରି ପରିବାର ଚଳାଉଛି। ଏଇ ପରିବାରର ପିଢ଼ି ପରେ ପିଢ଼ି ନିଜ ଜୀବନ କେବଳ ଦେଶପାଇଁ ଦାନ କରିଛନ୍ତି । ଏବେବି ମନେପଡେ ଭାରତ ସ୍ୱାଧିନତା ପାଇବା ପୂର୍ବର କଥା। ଗାନ୍ଧିଜୀଙ୍କ ଡ଼ାକରାରେ କେତେ ଲୋକ ସ୍କୁଲ କଲେଜ ଛାଡ଼ି ଆନ୍ଦୋଳନରେ ଝାସ ଦେଉଥିଲେ । ତାଙ୍କ ଭାଇଙ୍କ ସହ ସେ ପାଠ ଛାଡିଥିଲେ । ଦେଶକୁ ସ୍ୱାଧୀନ କରିବାର ଚିନ୍ତା ଏତେ ମାତ୍ରାରେ ଥିଲା ଯେ ଘରର କୂଳବଧୂ ମାନେ ମଧ ପଦାକୁ ଗୋଡ କାଢୁଥିଲେ। ଗୋଟେ ଗୋଟେ ଗାଁ ସେଥିପାଇଁ ଦିଶୁଥିଲା ମଣିଷ ଶୂନ୍ୟ । ଶେଷରେ ଦେଶ ସ୍ୱାଧୀନ ହେଲା । ସ୍ୱାଧିନ ଭାରତର ନାଗରିକ ସହ ସେ ପାଇଲେ ସ୍ୱାଧୀନତା ସଂଗ୍ରାମୀର ପରିଚୟ । ମନେପଡେ ସେମାନଙ୍କ ଦେଶପ୍ରୀତି । ଆଜି ଏଇ ଭାରତର ମଣିଷମାନେ ନିଜ ନିଜ ଭିତରେ ଯୁଦ୍ଧ ଘଟାଉଛନ୍ତି, ହତ୍ୟା, ଚୋରି, ବଳାତ୍କାର ଆଦି ଭିତରେ ମାନବିକତା କାହିଁ ହଜିଗଲାଣି । ଦେଶରେ ଆଜି କେହି ସୁରକ୍ଷିତ ନୁହନ୍ତି ଏଇଟା କ'ଣ ଗୋଟେ ସ୍ୱାଧିନ ଭାରତର ପରିଚୟ ! ବର୍ଷକୁ ଦୁଇଥର ତ୍ରିରଙ୍ଗା ପତାକା ଉଡାଇଦେଲେ କାମ ସରୁଛି । ଏଇ ଦୁଇ ଦିନ ଦେଶକୁ ପ୍ରଚୁର ପରିମାଣରେ ଭଲପାଇବା ମିଳୁଛି । ଆଃ ! ମୋ ଦେଶର ମଣିଷମାନେ ; କାହିଁ ଗଲା ସେମାନଙ୍କ ଦେଶପ୍ରୀତି ! ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବିଧାୟକ ଆସୁଥିଲେ ତାଙ୍କ ନିକଟକୁ । ଆଜିପରି ଦିନରେ ତାଙ୍କୁ ଭୁଲିଯିବେ କିପରି ! ଏ ଗ୍ରାମର ସେ ଶେଷ ସ୍ୱାଧୀନତା ସଂଗ୍ରାମୀ । ଉତ୍ତରୀୟଟିଏ କାନ୍ଧରେ ପକାଇ ଦେଇ ତାଙ୍କ ହାଲଚାଲ ପଚାରି ଚାଲି ଯାଆନ୍ତି ଯେ ଯାଆନ୍ତି । ସୈନିକଟିଏ ହୋଇ ଦେଶ ସେବା କରିନପାରିବାର ଦୁଃଖରେ ନିତି ମରିମରି ଜିଉଁଥିବା ତାଙ୍କ ନାତିର ଦେଶପ୍ରୀତି ଆଗରେ ଏମାନଙ୍କ ଲୋକ ଦେଖାଣିଆ ଦେଶଭକ୍ତି ଭାରି ବାଧୁଥାଏ । ଦୋକାନ ଉପରେ ଉଡୁଥିବା ତ୍ରିରଙ୍ଗାକୁ ଚାହାଁନ୍ତି ସେ ; କେତେ ବଦଳି ଗଲାଣି ମୋ ଭାରତ । କେତେ ବଦଳି ଗଲେଣି ମୋ ଦେଶର ସନ୍ତାନ । ଭାରତ ମା' ର ଅଶ୍ରୁ ପୋଛିବାକୁ ଏବେ ଆଉ କେହି ନାହାଁନ୍ତି। ଆଜିକାଲି ଶିଶୁମାନଙ୍କ ମନରେ ଦେଶପ୍ରୀତିର ଅଭାବ ପାଇଁ ବଦଳୁଥିବା ସମାଜଟା ହିଁ ଅନେକାଂଶରେ ଦାୟୀ । ଅଣନାତିଟା ମୋର ବି ବଦଳିଯିବ ଏମିତି । ତାଙ୍କ ପୁଅଠୁ ଶେଷ ହୋଇଗଲାଣି ବୋଧେ ତାଙ୍କ ପରିବାରର ଏ ଦେଶର ସେବା କରିବା ।

– ଅଣନାତି ତାଙ୍କର ଦୌଡ଼ି ଦୌଡ଼ି ଆସି କହିଲା । 'ଠାକୁ ଜେଜେ ଜାଣିଛ ! ମୁଁ ଆଜି ବକ୍ତବ୍ୟ ଶେଷରେ କ'ଣ ପ୍ରତିଜ୍ଞା କଲି ।'

– 'କ'ଣ ରେ !'

– ' ମୋ ପରିବାରରେ ସମସ୍ତେ ଦେଶ ପାଇଁ ଜନ୍ମ ନେଇଛନ୍ତି । ଦେଶ ପାଇଁ ଜୀବନ ଦେଇଛନ୍ତି । ଠାକୁ ଜେଜେ କୁହନ୍ତି ପୁଣ୍ୟଭୂମି ଭାରତରେ ଜନ୍ମ ହେବା ତପସ୍ୟାର ଫଳ । ବାପା ଗୋଡ ଦୁଇଟି ହରାଇବାରୁ ତାଙ୍କ ସ୍ୱପ୍ନ ସ୍ୱପ୍ନରେ ରହିଗଲା। ତାଙ୍କ ଅଧୁରା ସ୍ୱପ୍ନ ପୂରଣ କରିବା ପାଇଁ ମୁଁ ସୈନିକଟିଏ ହେବି !'

ସେ ଚାହିଁଲେ ଅଣନାତିର ମୁହଁକୁ ; ତାଙ୍କୁ ଦେଖାଗଲା ତାଙ୍କ ଶହୀଦ ପୁତ୍ରର ମୁହଁ । ଦୋକାନ ଭିତରେ ଆଖିରୁ ଖୁସିର ଲୁହ ପୋଛୁଥିଲା ନାତି । ରକ୍ତରେ ଦେଶପ୍ରୀତି ଅଛି ବୋଲି ତ ଏଡିକି ବକଟେ ଛୁଆ ମୁହଁରେ ଏତେବଡ କଥା ! ଏ ଦୃଶ୍ୟ ଦେଖି ହସୁଥିଲା ଫର ଫର ହୋଇ ଉଡୁଥିବା ତ୍ରିରଙ୍ଗା ! ଅଣନାତିର ହାତଧରି ତ୍ରିରଙ୍ଗା ପତାକାକୁ ଦେଖିବାକୁ ଇଶାରା କରି ସେ କହିଲେ 'ଦେଖିରେ ମୋ ଦେଶ ତୋତେ ପାଇ ହସୁଛି।'

ଜଗନ୍ନାଥ ପୁର, କଟକ

# ନିଜ ରାସ୍ତାରେ ନିଜେ

ଆଦ୍ୟାଶା ମହାପାତ୍ର

'ପୁଅ ଗଲାପରେ ତୋର ଆଉ ଏଠି କି କାମ ? ସବୁଦିନ ଆମ ଉପରେ ବୋଝ ହୋଇ ରହି ପାରିବୁନି ତୁ। ଯେଉଁଠୁ ଆସିଥିଲୁ ସେଠିକି ଯାଆ। ନହେଲେ ଯାଆ କେଉଁ ଛତରକୁ। ଏଠୁ କିନ୍ତୁ ଶୀଘ୍ର ବାହାରି ଯାଆ। ନଯିବୁ ତ ଯାହା ଭୋଗିବୁ ଆଉ ପଛରେ ଦୋଷ ଦେବୁନାହିଁ କହି ଦେଉଛି..! 'ଶ୍ୟାମଳୀ, ଶାଶୁ ଶ୍ୱଶୁରଙ୍କ ଠାରୁ ଏମିତି ଅନେକ କଥା, ଧମକ ଚମକ ଆଦି ଶୁଣି ଆସୁଛି ଏଇ କେତେଦିନ ହେବ।

ତଥାପି ଶ୍ୟାମଳୀ ପଡି ରହିଛି ଶାଶୁଘରେ। ଚାହିଁଲେ ବି ଯିବ ତ କୁଆଡେ ଯିବ ଏବେ ସେ ! ସବୁ ଝିଅ ବାହାଘର ପରେ ଶାଶୁଘରେ ହିଁ ତ ରହନ୍ତି। ତା' ଦୁର୍ଭାଗ୍ୟକୁ ବାହାଘରର ଗୋଟିଏ ମାସ ଯାଇଛି କି ନାହିଁ ତାକୁ ନୂଆ ବୋହୂର ସାଜସଜ୍ଜା ଛାଡି ବିଧବା ବେଶକୁ ଆଦରିବାକୁ ପଡିଲା। ଏବେ ପୁଣି ବାପଘରେ ଯାଇ ପହଞ୍ଚିଲେ ଆରମ୍ଭ ହୋଇଯିବ ଭାଇ ଭାଉଜଙ୍କ ଭିତରେ ଝଗଡ଼ା। ଯେଉଁ ଭାଇ ଭାଉଜ ବାପାମାଙ୍କୁ ପଚାରୁ ନଥିଲେ ସେମାନେ କ'ଣ ବିଧବା ଭଉଣୀକୁ ଆଦରି ନେବେ ?

ଘରେ ପଶୁ ପଶୁ ପୁଅ ତାଙ୍କର ଦୁର୍ଘଟଣାରେ ଚାଲିଗଲାର ଅପବାଦ ଶ୍ୟାମଳୀ ମୁଣ୍ଡରେ ଲଦିଲେ ଶାଶୁଘର ଲୋକେ। ହେଲେ କଣ୍ଟ୍ରାକ୍ଟର ସ୍ୱାମୀ ତା'ର ସବୁଦିନ ପରି ସେଦିନ ମଦ ପିଇ ବାଇକ୍ ଚଲଉଥିଲେ ଏବଂ ସେଇଥିପାଇଁ ଏ ଅଘଟଣ ଘଟିଲା ବୋଲି ଶ୍ୟାମଳୀ ଦିନେ ପ୍ରତିବାଦ ସ୍ୱରରେ କହିଲା ତ ଶାଶୁ ଶ୍ୱଶୁର ଉତକ୍ଷିପ୍ତ ହୋଇ ପଡିଲେ ତା କଥାରେ... !

ମୁହଁରେ ଜବାବ ଦେଉଛି ବୋଲି ସେହିଦିନ ପ୍ରଥମ ଥର ଶାଶୁଙ୍କ ଠାରୁ ଶ୍ୟାମଳୀ ମାଡ ଖାଇଲା । କ୍ରମେ ତା ଉପରେ ଜୁଲମ ଦିନକୁ ଦିନ ବଢିବାରେ ଲାଗିଲା। ଦିନେ ଦୁଇଦିନ ଉପାସରେ ରଖାଇଲେ ବଳେ ବୋହୂ ଠିକ୍ ବାଟକୁ ଆସିଯିବ ବୋଲି ଶ୍ୱଶୁରଙ୍କ ଉପଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରିବାକୁ ବଦ୍ଧପରିକର ହୋଇଗଲେ ଶାଶୁ।

ଶ୍ୟାମଳୀ ଶାଶୁଘରେ ହାରିଗଲା ଅବଶେଷରେ।

ନିଜ ଭାଗ୍ୟକୁ ପରଖିବ ବୋଲି ଫେରି ଆସିଲା ବାପଘରକୁ। ଭାଇ ଭାଉଜ ଭଉଣୀର ଭରଣପୋଷଣ ବାବଦକୁ ତା'ର ଶ୍ରମ ଆଦାୟ କରିବାକୁ ମସୁଧା କଲେ। ଯେତେ ପ୍ରକାରର କାମ ତା ଦ୍ୱାରା ଦିନକ ଭିତରେ ଆଦାୟ କରିହେବ ତା'ର ସାରଣୀ ପ୍ରସ୍ତୁତ ହେଉଥିଲା ପ୍ରତ୍ୟେକ ଦିନ। ତଥପୋଇ ଭଳି ଆହୁରି ଦୁଃଖ ଦୁର୍ଦ୍ଦିନରେ ପେଶି ହେବା ଆଗରୁ ଶ୍ୟାମଳୀ ଚିନ୍ତା କରିନେଲା ନିଜ ବଞ୍ଚିବାର ପନ୍ଥା। ଶ୍ୟାମଳୀ ଅଙ୍ଗନବାଡି କେନ୍ଦ୍ରରେ ଯୋଗଦେଲା। କୁନି କୁନି ପିଲାଙ୍କୁ ପାଠ ପଢେଇବାରେ ଖୁବ୍ ଆନନ୍ଦ ପାଇଲା। ଆପାତତଃ ଜୀବନ ଜୀଇଁବାର ରାହା ମିଳିଗଲା ବୋଲି ସେ ଆଶ୍ୱସ୍ତ ହେଲା।

ହେଲେ ହଠାତ୍ ଦିନେ ଆସି ଶ୍ୟାମଳୀ ପାଖରେ ତା ଶ୍ୱଶୁର ପହଞ୍ଚି ତାକୁ ଘରକୁ ଫେରାଇ ନେବାକୁ କହିଲେ ତ ସମସ୍ତଙ୍କ ସହ ଶ୍ୟାମଳୀ ବି ଆଶ୍ଚର୍ଯ୍ୟ ହୋଇଗଲା। ଏତେ ବଡ଼ ପରିବର୍ତ୍ତନ କେମିତି ସମ୍ଭବ ? କୌଣସି ମତେ ଆଉ ଶାଶୁ ଘରକୁ ଯିବ ନାହିଁ ବୋଲି ରୋକ ଠୋକ ମନା କରିଦେଲା। ଶ୍ୱଶୁରଙ୍କ ମୁହଁ ଶୁଖିଗଲା। ଆଉ କେବେ ବି କିଛି ଖରାପ କଥା କେହି କହିବେନି ବୋଲି ପ୍ରତିଶ୍ରୁତି ଦେଲେ। ଶ୍ୟାମଳୀ ପାଖରେ ଅନୁନୟ ହେଲେ। ଶେଷକୁ ଶ୍ୟାମଳୀ ଶାଶୁଘର ଯିବାକୁ ରାଜିହେଲା। ଅଙ୍ଗନବାଡ଼ି କେନ୍ଦ୍ରକୁ ହଠାତ୍ ତ ସେ ଛାଡି ଯାଇପାରିବନି ବୋଲି କହି କିଛି ଦିନର ମହଲତ ମାଗିଲା ଶ୍ୱଶୁରଙ୍କୁ। ସେ ଖୁସି ମନରେ ଫେରିଗଲେ।


ପରଦିନ ସକାଳୁ ସକାଳୁ ଆସି ପହଞ୍ଚିଗଲେ ଭାଇ ଭାଉଜ। ଘରର ଝିଅ ଘରେ ନରହି ଭଡ଼ାଘରେ ରହିଲେ ଲୋକେ ତାଙ୍କୁ ଖରାପ ଭାବୁଛନ୍ତି ବୋଲି କହିଲେ ଭାଇ। ନଣନ୍ଦ ପ୍ରତି ଖରାପ ଆଚରଣ ପ୍ରଦର୍ଶନ ପାଇଁ ସେ ଅନୁତପ୍ତ ଏବଂ ଶ୍ୟାମଳୀର ଘର ଫେରନ୍ତା ବାଟକୁ ଚାହିଁ ରହିବେ ବୋଲି କହିଗଲେ ଭାଉଜ।

ଶ୍ୱଶୁର ଯିବାର ମାତ୍ର ଦୁଇ ଦିନ ପରେ ଆସି ପହଁଚିଲେ ଶ୍ୟାମଳୀର ଦିଅର। ବିଧବା ଜୀବନର କଷ୍ଟ ନସହି ଆଉ ଥରେ ଯଦି ବାହା ହେବାକୁ ଇଚ୍ଛା କରିବ ତ ମୁଁ ତୁମକୁ ବାହା ହେବାକୁ ରାଜି ବୋଲି କହିଲେ ଦିଅର। ହେଲେ ଯେଉଁ ଦିଅର ଭାଉଜଙ୍କୁ ଘରୁ ବାହାରି କରି ଦେବାକୁ କେତେ ଧମକ ଚମକ ଦେଉଥିଲେ ଏବେ ସେ ଏମିତି ପରିବର୍ତ୍ତନ କେମିତି ହେଲେ ?

ଲାଇଫ ଇନସୁରାନ୍ସ ବାବଦରେ ସ୍ୱର୍ଗତ ସ୍ୱାମୀ କରିଥିବା ଏକ ପଲିସି ବିପକ୍ଷରେ ତିରିଶି ଲକ୍ଷ ଟଙ୍କା ସେଇ ପଲିସିର ନୋମିନି ଅର୍ଥାତ୍ ଶ୍ୟାମଳୀ ଦାସ ପାଇବ ବୋଲି ଖବର ମିଳିଲା ଏଜେଣ୍ଟ ଠାରୁ।

ଏଇ ଖବର ପାଇ ଶ୍ୱଶୁର, ପରେ ପରେ ଦିଅର ଏବଂ ସେଇ ଖବର ପାଇ ଭାଇ ଭାଉଜ ମଧ ତା' ପାଖକୁ ଆସିଥିଲେ ବୋଲି ଶ୍ୟାମଳୀର ହୃଦବୋଧ ହେଲା। ଆଉ କାହାର ଅବଲମ୍ବନକୁ ବିଶ୍ୱାସ କରି ନିଜକୁ ବିକିବାକୁ ତା'ର ଆଉ ଇଚ୍ଛା ନଥିଲା।

ଗର୍ଭରେ ଥିବା ପିଲାଟିର ଭବିଷ୍ୟତ ପାଇଁ ତା'ର ଚିନ୍ତା ଆପାତତଃ ଦୂର ହୋଇଯାଇଥିବାରୁ କୃତଜ୍ଞତା ଜଣାଇଲା ଈଶ୍ୱରଙ୍କ ପାଖରେ ଏବଂ ନିଜ ରାସ୍ତାରେ ନିଜେ ଚାଲିବାକୁ ବଦ୍ଧପରିକର ହେଲା... !!!



ନୂଆପଡା, କଟକ

# ସୁରକ୍ଷା ବଳୟ ଭାଙ୍ଗି ବିରାଟ କୋହଲିଙ୍କୁ ଭେଟିବାକୁ ପଡ଼ିଆରେ ପହଞ୍ଚିଲେ ପ୍ରଶଂସକ

**ନୂଆଦିଲ୍ଲୀ**



ବିରାଟ କୋହଲି ୧୩ ବର୍ଷ ପରେ ରଣଜୀ ଟ୍ରଫିକୁ ଫେରିଛନ୍ତି । ନୂଆଦିଲ୍ଲୀର ଅରୁଣ ଜେଟ୍‌ଲି କ୍ରିକେଟ ଷ୍ଟାଡିୟମରେ ରଣଜୀ ମ୍ୟାଚ୍‌ରେ ଦିଲ୍ଲୀ ଏବଂ ରେଳବାଇ ଦଳ ମୁହାଁମୁହିଁ ହେଉଛନ୍ତି । ଏହି ମ୍ୟାଚ୍‌ରେ ଦିଲ୍ଲୀର ଅଧିନାୟକ ଆୟୁଷ ବାଡୋନି ଟସ୍ ଜିତି ରେଳବାଇକୁ ପ୍ରଥମେ ବ୍ୟାଟିଂ କରିବାକୁ କହିଥିଲେ । ଲାଇଭ ମ୍ୟାଚ୍ ସମୟରେ, ଜଣେ ବ୍ୟକ୍ତି ପଡ଼ିଆ ଭିତରକୁ ଆସି ବିରାଟ କୋହଲିଙ୍କ ପାଖକୁ ଦୌଡ଼ିବାକୁ ଲାଗିଲେ । ଏହି ବ୍ୟକ୍ତିଙ୍କୁ ଗ୍ରାଉଣ୍ଡ ମଝିରେ ଦୌଡୁଥିବାର ଦେଖି, ଫିଲ୍‌ଡରମାନେ ନିଜ ନିଜ ସ୍ଥାନରେ ଅଟକିଗଲେ । ଆଉ କ'ଣ ଘଟୁଛି ଦେଖିବା ପାଇଁ ସେ ଠିଆ ହେଲେ । ବ୍ୟାଟ୍‌ସମ୍ୟାନ ମଧ୍ୟ ସେହି ବ୍ୟକ୍ତି ଆଡ଼କୁ ଚାହିଁବାକୁ ଲାଗିଲେ । ଖେଳଟି କିଛି ସମୟ ପାଇଁ ବନ୍ଦ ହୋଇଗଲା । ତା'ପରେ ଦୌଡୁଥିବା ବ୍ୟକ୍ତି ଜଣକ ଯାଇ କୋହଲିଙ୍କ ପାଦ ତଳେ ପଡ଼ିଗଲେ । ଏହା ପରେ ସୁରକ୍ଷା କର୍ମୀମାନେ ତାଙ୍କୁ କୋହଲିଙ୍କଠାରୁ ଅଲଗା କରିଦେଲେ । ଏହି ଦୃଶ୍ୟ ଦେଖି ଲୋକମାନେ ଆଶ୍ଚର୍ଯ୍ୟ ହୋଇଗଲେ ।

ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓରେ ସ୍ପଷ୍ଟ ଭାବରେ ଦେଖାଯାଉଛି ଯେ ଜଣେ ବ୍ୟକ୍ତି ବିରାଟ କୋହଲିଙ୍କ ପାଖକୁ ଦୌଡ଼ି ଆସି ଏହି କିମ୍ବଦନ୍ତୀ ବ୍ୟାଟ୍‌ସମ୍ୟାନଙ୍କ ପାଦ ତଳେ ପଡ଼ି ଯାଉଛନ୍ତି । ଏହା ପରେ, ଚାରିଆଡ଼େ ଖୁସିର ଲହରୀ ଖେଳିଯାଇଛି । ସୁରକ୍ଷା କର୍ମୀମାନେ ଆସି, ତାଙ୍କୁ ବାହାରକୁ ନେଇଯାଇଥିଲେ । ଏହି ସମୟରେ, ପଡ଼ିଆରେ ଉପସ୍ଥିତ ସମସ୍ତ ଖେଳାଳି ଏବଂ ଅମ୍ପାୟାର ତାଙ୍କୁ ଦେଖିବା ଆରମ୍ଭ କରିଥିଲେ ।

# ୨୨ ବର୍ଷର ରେକର୍ଡ ଭାଙ୍ଗିଲେ ଉସ୍‌ମାନ୍ ଖ୍ୱାଜା

**ଗାଲେ**



ଶ୍ରୀଲଙ୍କା ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ୨୯ ଜାନୁଆରୀରେ ଗାଲେ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି । ମ୍ୟାଚ୍‌ରେ ପ୍ରଥମ ଦିନ ସମ୍ପୂର୍ଣ୍ଣ ଭାବରେ ଅଷ୍ଟ୍ରେଲିଆ ଦଳ ସପକ୍ଷରେ ଥିଲା । ଅଷ୍ଟ୍ରେଲିଆ ୮୧.୧ ଓଭରରେ ୨ ଉଇକେଟ ହରାଇ ୩୩୦ ରନ କରିଥିଲା । ଦିନର ଖେଳ ଶେଷ ହେବା ବେଳକୁ ଏହି ଟେଷ୍ଟ ସିରିଜ୍‌ରେ ଅଷ୍ଟ୍ରେଲିଆ ଦଳର ଅଧିନାୟକ ଷ୍ଟିଭ୍ ସ୍ମିଥ୍ ୧୦୪ ଏବଂ ଉସମାନ ଖ୍ୱାଜା ୧୪୭ ରନ କରି ବ୍ୟାଟିଂ କରୁଥିଲେ । ଉସମାନ ଖ୍ୱାଜା ବହୁତ ଦିନ ପରେ ଟେଷ୍ଟ କ୍ରିକେଟରେ ଶତକ ହାସଲ କରିବାରେ ସଫଳ ହୋଇଛନ୍ତି, ଯେଉଁଥିରେ ସେ ତାଙ୍କର ଶତକୀୟ ଇନିଂସ ସହିତ ଏକ ମହାନ କୃତିତ୍ୱ ମଧ୍ୟ ହାସଲ କରିଛନ୍ତି ।

ଗାଲେରେ ଖେଳାଯାଉଥିବା ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଶତକ ହାସଲ କରି, ଉସମାନ ଖ୍ୱାଜା ୨୨ ବର୍ଷ ପରେ ଅଷ୍ଟ୍ରେଲିଆ ପାଇଁ ଟେଷ୍ଟ କ୍ରିକେଟ୍‌ରେ ଶତକ ହାସଲ କରିଥିବା ସବୁଠାରୁ ବୟସ୍କ ଖେଳାଳି ହୋଇସାରିଛନ୍ତି । ଉସମାନ ୩୮ ବର୍ଷ ୪୨ ଦିନ ବୟସରେ ଏହି ଶତକୀୟ ଇନିଂସ ଖେଳିଥିଲେ । ଉସ୍‌ମାନ ଖ୍ୱାଜାଙ୍କ ପୂର୍ବରୁ, ଷ୍ଟିଭ୍ ଓ୍ୱ ୨୦୦୩ ମସିହାରେ ଶତକୀୟ ଇନିଂସ ଖେଳି ଏହି ସଫଳତା ହାସଲ କରିଥିଲେ । ଗାଲେ ଟେଷ୍ଟ ମ୍ୟାଚ୍‌ରେ ଉସ୍‌ମାନ ଏପର୍ଯ୍ୟନ୍ତ ୨୧୦ଟି ବଲର ସମ୍ମୁଖୀନ ହୋଇଛନ୍ତି ଏବଂ ୧୦ଟି ଚୌକା ଏବଂ ଗୋଟିଏ ଛକା ସହାୟତାରେ ୧୪୭ ରନ କରିଛନ୍ତି । ଏହା ବ୍ୟତୀତ ଖ୍ୱାଜା ଏବେ ଶ୍ରୀଲଙ୍କା ବିପକ୍ଷରେ ତାଙ୍କ ଘରେ ଟେଷ୍ଟ ଶତକ ହାସଲ କରିଥିବା ସବୁଠାରୁ ବୟସ୍କ ଖେଳାଳି ହୋଇସାରିଛନ୍ତି ଏବଂ ପାଲେକେଲରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚ୍‌ରେ ୩୭ ବର୍ଷ ୨୧୫ ଦିନ ବୟସରେ ଏହି ଶତକ ହାସଲ କରିଥିବା ୟୁନିସ ଖାନ୍‌ଙ୍କ ରେକର୍ଡ ଭାଙ୍ଗିଛନ୍ତି । ୨୦୧୫ ମସିହାରେ ସେ ବର୍ଷ ବୟସରେ ଏକ ଶତକୀୟ ଇନିଂସ ଖେଳିଥିଲେ ।

ଗାଲେ ଟେଷ୍ଟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆର ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ ଉସ୍‌ମାନ ଖ୍ୱାଜାଙ୍କ ପାଖରେ ତାଙ୍କ ଦଳର କିମ୍ବଦନ୍ତୀ ପୂର୍ବତନ ଖେଳାଳି ଜଷ୍ଟିନ ଲାଙ୍ଗରଙ୍କ ରେକର୍ଡ ଭାଙ୍ଗିବାର ସୁଯୋଗ ମଧ୍ୟ ଅଛି । ଶ୍ରୀଲଙ୍କାରେ ଏପର୍ଯ୍ୟନ୍ତ ଜଣେ ଅଷ୍ଟ୍ରେଲିୟ ଓପନିଂ ବ୍ୟାଟସମ୍ୟାନଙ୍କ ସର୍ବାଧିକ ବ୍ୟକ୍ତିଗତ ସ୍କୋରର ରେକର୍ଡ ଜଷ୍ଟିନ ଲାଙ୍ଗରଙ୍କ ନାମରେ ଅଛି, ଯିଏ ୨୦୦୪ ମସିହାରେ କଲମ୍ବୋ ଟେଷ୍ଟରେ ୧୬୬ ରନର ଇନିଂସ ଖେଳିଥିଲେ । ଖ୍ୱାଜା ୨୦ ରନ ଯୋଡ଼ିପାରିଥିଲେ । ଦ୍ୱିତୀୟ ଦିନର ଖେଳରେ ଅଧିକ ରନ । ଯଦି ସେ ସଫଳ ହୁଅନ୍ତି ତେବେ ସେ ଏହି ରେକର୍ଡ ଭାଙ୍ଗିପାରିବେ ।

# ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇଣ୍ଟ୍ରାକ୍ଲବ୍ କ୍ରିକେଟ : କେ.ଟି ଗ୍ଲୋବାଲ କ୍ଲବ୍ ବିଜୟୀ



**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା କ୍ରିକେଟ ଆସୋସିଏସନ୍‌ର କାର୍ଯ୍ୟକ୍ରମ ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇଣ୍ଟ୍ରା କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ବିଜେବି ହାଇସ୍କୁଲ ପଡ଼ିଆ ମିନି ଷ୍ଟାଡିୟମରେ କ୍ରିକେଟ ଆସୋସିଏସନ୍ ଅଫ ଦି ଡିଷ୍ଟ୍ରିକ୍ଟ ଅନୁକୂଳ୍ୟରେ ଅଷ୍ଟମ ଦିବସ ଖେଳରେ କେ.ଟି ଗ୍ଲୋବାଲ କ୍ରିକେଟ ଦଳ ବ୍ଲୁବାର୍ଡ କ୍ରିକେଟ କ୍ଲବ୍, ଗୁରୁଜଙ୍ଗକୁ ୩ ୱିକେଟ୍‌ରେ ପରାସ୍ତ କରିଛି । ଟସ୍ ଜିତି ଗୁରୁଜଙ୍ଗ ଦଳ ପ୍ରଥମେ ବ୍ୟାଟିଂ କରି ୩୫ ଓଭରରେ ସମସ୍ତ ୱିକେଟ୍ ହରାଇ ମାତ୍ର ୧୧୨ ରନ କରିଥିଲେ । ଦଳ ପକ୍ଷରୁ ସାର୍ଥକ ପାଣିଗ୍ରାହୀ ୩୩ ରନ୍ ଓ ବିସ୍ମୟ ସାହୁ ୨୯ ରନ୍ କରିଥିଲେ । କେ.ଟି ଗ୍ଲୋବାଲ ଦଳ ତରଫରୁ ରୋହିତ ଚୌଧୁରୀ ଓ କ୍ରିଷ୍ଣକାନ୍ତ ମହାରଣା ୩ଟି ଲେଖାଏଁ ୱିକେଟ୍ ନେଇଥିଲେ । ଜବାବରେ ଇଗଲ ଦଳ ୨୫ ଓଭରରେ ୭ଟି ୱିକେଟ୍ ହରାଇ ଆବଶ୍ୟକ ରନ ସଂଗ୍ରହ କରିଥିଲେ । ସ୍ୱର୍ଣ୍ଣାଭ ଦାସ ୭୪ଟି ବଲ୍‌ରୁ ୧୩ଟି ଚୌକା ସହ ୬୮ ରନ୍ ସଂଗ୍ରହ କରିଥିଲେ । ଗୁରୁଜଙ୍ଗ ଦଳ ତରଫରୁ ଆଶୁତୋଷ ସିଂ ୪ଟି ୱିକେଟ ନେଇଥିଲେ । ଖେଳକୁ ସରୋଜ ପାତ୍ର ଓ ଚନ୍ଦ୍ର ମୋହନ ବରାଳ ପରିଚାଳନା କରିଥିବା ବେଳେ ସ୍କୋରର ରୂପେ ଜିତେନ୍ଦ୍ର ସେନାପତି ଦାୟିତ୍ୱରେ ଥିଲେ । ସୌମେନ୍ଦ୍ର ମହାନ୍ତି ମ୍ୟାଚ୍ ରେଫରୀ ଭାବେ ଓ ରୋହିତ ରାୟ ଏବଂ ସୁଧିର ସାହୁ ଏହି ମ୍ୟାଚ୍‌ର ସଂଯୋଜକ ରୂପେ କାର୍ଯ୍ୟ କରିଥିଲେ । ଶୁକ୍ରବାର ରାଇଜିଂ ଷ୍ଟାର କ୍ଲବ୍ ବନାମ ଇଗଲ କ୍ରିକେଟ କ୍ଲବ୍ ମଧ୍ୟରେ ମ୍ୟାଚ୍ ହେବ ବୋଲି ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ ଜଣାଇଛନ୍ତି ।

# ଚାମ୍ପିୟନ୍ସ ଟ୍ରଫି ପୂର୍ବରୁ ଫିଟ୍ ହୋଇଯିବେ କୁଲଦୀପ ଯାଦବ

**ନୂଆଦିଲ୍ଲୀ**



ଚାଇନାମ୍ୟାନ ବୋଲର କୁଲଦୀପ ଯାଦବ ବହୁତ ଦିନ ଧରି ଟିମ୍ ଇଣ୍ଡିଆରୁ ବାଦ୍ ପଡ଼ିଛନ୍ତି । କିନ୍ତୁ ଏବେ ଖୁବ୍ ଶୀଘ୍ର ଏହି ତାଙ୍କୁ ଟିମ୍ ଇଣ୍ଡିଆର ଜର୍ସିରେ ଦେଖିବାକୁ ମିଳିବ । କୁଲଦୀପ ଫିଟ୍‌ନେସ୍ ପରୀକ୍ଷାରେ ପାସ୍ କରିଛନ୍ତି । ପୂର୍ବରୁ, ଜାନୁଆରୀ ୨୬ ତାରିଖରେ ଜାତୀୟ କ୍ରିକେଟ ଏକାଡେମୀରେ କୁଲଦୀପଙ୍କ ଫିଟ୍‌ନେସ୍ ପରୀକ୍ଷା କରାଯାଇଥିଲା । କୁଲଦୀପଙ୍କୁ ଉତ୍ତର ପ୍ରଦେଶ ପାଇଁ ରଣଜୀ ଟ୍ରଫିର ଶେଷ ରାଉଣ୍ଡରେ ଦେଖିବାକୁ ମିଳିପାରେ । ଉତ୍ତର ପ୍ରଦେଶ ଏବଂ ମଧ୍ୟପ୍ରଦେଶ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଉଭୟ ଦଳ ଇନ୍ଦୋରର ହୋଲକର ଷ୍ଟାଡିୟମରେ ପରସ୍ପରକୁ ମୁହାଁମୁହିଁ ହେବେ ।

ଇତିମଧ୍ୟରେ ଚାମ୍ପିଅନ୍ସ ଟ୍ରଫି ପାଇଁ ଭାରତୀୟ ଦଳ ଘୋଷଣା କରାଯାଇଛି । କୁଲଦୀପଙ୍କ ଫିଟ୍‌ନେସ୍ ସମସ୍ୟା ସତ୍ତ୍ୱେ, ତାଙ୍କୁ ଦଳରେ ସାମିଲ କରାଯାଇଥିଲା । ତଥାପି ଏବେ ଭାରତୀୟ ଦଳ ପାଇଁ ଭଲ ଖବର ଆସୁଛି । ଏହା ବ୍ୟତୀତ ଇଂଲଣ୍ଡ ଦିନିକିଆ ସିରିଜ୍ ପୂର୍ବରୁ ଟିମ୍ ଇଣ୍ଡିଆ ପାଇଁ ଏକ ଆଶ୍ୱସ୍ତି ଖବର ଅଛି । ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ୩ଟି ଦିନିକିଆ ମ୍ୟାଚ୍‌ର ଏକ ସିରିଜ୍ ଖେଳାଯିବ । ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍ ଫେବୃୟାରୀ ୬ ତାରିଖରେ ଖେଳାଯିବ । ଯଦି କୁଲଦୀପ ଇଂଲଣ୍ଡ ସିରିଜ୍ ପରେ ଚାମ୍ପିଅନ୍ସ ଟ୍ରଫିରେ ଟିମ୍ ଇଣ୍ଡିଆର ପ୍ଲେଇଂ-୧୧ର ଅଂଶ ହୁଅନ୍ତି, ତେବେ ବୋଲିଂ ଆକ୍ରମଣ ନିଶ୍ଚିତ ଭାବରେ ମଜଭୁତ ହେବ । ବିସିସିଆଇ ଚାହୁଁଛି ଯେ କୁଲଦୀପ ଯାଦବ ରଣଜୀ ଟ୍ରଫିରେ ଖେଳନ୍ତୁ, ଯାହା ଦ୍ୱାରା ଇଂଲଣ୍ଡ ସିରିଜ୍ ପୂର୍ବରୁ ନିଶ୍ଚିତ ହୋଇପାରିବ ।

# ସର୍ବଭାରତୀୟ ବେସାମରିକ ଚେସ୍ ଫେବୃୟାରୀ ୯ରେ ଓଡ଼ିଶା ସଚିବାଳୟ ଦଳ ଚୟନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଗୋଆରେ ଆସନ୍ତା ତା ୧୭.୦୩.୨୦୨୫ ରୁ ୨୫.୦୩.୨୦୨୫ ପର୍ଯ୍ୟନ୍ତ ସର୍ବଭାରତୀୟ ବେସାମରିକ ଚେସ୍ ପ୍ରତିଯୋଗିତା ଆୟୋଜନ ହେବ । ଏଥିପାଇଁ ଖେଳାଳି ଚୟନ ପ୍ରକ୍ରିୟା ଆସନ୍ତା ଫେବୃୟାରୀ ତା ୦୯.୦୨.୨୦୨୫ (ରବିବାର), ସକାଳ ୦୯:୦୦ ସମୟରେ ସ୍ଥାନୀୟ (ପୁରୁଣା ବିଧାନ ସୌଧ ପଛ ପାଖ) ରାଜ୍ୟ ସଚିବାଳୟ ରିକ୍ରେସନ କ୍ଲବ, ୟୁନିଟ୍-୨ ଠାରେ ଅନିଷ୍ଠିତ ହେବ । ଏହି ପ୍ରତିଯୋଗିତାରେ (କେବଳ) ଅନ୍ୟୁନ ୬ ମାସ ଚାକିରିରେ ବିତେଇଥିବା ନିୟମିତ ସରକାରୀ କର୍ମଚାରୀମାନେ ଭାଗ ନେଇପାରିବେ । ଇଚ୍ଛୁକ କର୍ମଚାରୀମାନେ ନିଜର ସେବା ପୁସ୍ତକାର ପ୍ରଥମ ପୃଷ୍ଠାର ନକଲ, ବିଭାଗୀୟ ପରିଚୟ ପତ୍ରର ନକଲ ସହ ଏକ ପାସପୋର୍ଟ ଫୋଟୋ ଏବଂ ନିଜ ବିଭାଗରୁ 'ନୋ ଅବଜେକସନ ସାର୍ଟିଫିକେଟ' ସାଙ୍ଗରେ ଆଣି ଉକ୍ତ ପ୍ରତିଯୋଗିତାରେ ଭାଗ ନେଇପାରିବେ ବୋଲି ଓଡ଼ିଶା ରାଜ୍ୟ ସଚିବାଳୟ ଚେସ୍ ସଂଘର ସାଧାରଣ ସମ୍ପାଦକ ନୀଳମଣି ପାତ୍ର ଜଣାଇଛନ୍ତି । ଅଧିକ ବିବରଣୀ ପାଇଁ ସଂଘ କର୍ମଚାରୀ ତାପସ ଦାସ (୭୯୭୮୪୩୫୨୭୯) ଏବଂ ମାଧବ ଚନ୍ଦ୍ର ମିଶ୍ର (୯୦୪୦୬୩୪୭୩୮)ଙ୍କୁ ଯୋଗାଯୋଗ କରିପାରିବେ ।

# ଷ୍ଟାଡିୟମର ନିର୍ମାଣ କାମ ସରିବା ନେଇ ଆଇସିସିର ଚିନ୍ତା ବଢ଼ାଇଲା ପାକିସ୍ତାନ

**ନୂଆଦିଲ୍ଲୀ**



ପାକିସ୍ତାନର କରାଚିରେ ଆଇସିସି ଚାମ୍ପିୟନ୍ସ ଟ୍ରଫିର ପ୍ରଥମ ମ୍ୟାଚ୍ ଫେବୃୟାରୀ ୧୯ରୁ ଆରମ୍ଭ ହେବାକୁ ଧାର୍ଯ୍ୟ ହୋଇଛି । ଏହାର ଅର୍ଥ ଚାମ୍ପିୟନ୍ସ ଟ୍ରଫି ଆରମ୍ଭକୁ ଆଉ ମାତ୍ର କିଛି ଦିନ ବାକି ରହିଛି । ହାଇବ୍ରିଡ୍ ମଡେଲରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ତା'ର ମ୍ୟାଚ୍‌ଗୁଡ଼ିକ ଦୁବାଇରେ ଖେଳିବ । କିନ୍ତୁ ଏସବୁ ଭିତରେ ଚାମ୍ପିୟନ୍ସ ଟ୍ରଫିକୁ ନେଇ ଆଇସିସିର ଚିନ୍ତା ବଢ଼ିଛି ।

ପାକିସ୍ତାନର ଲାହୋର, କରାଚି ଓ ରାୱଲପିଣ୍ଡିରେ ମ୍ୟାଚ୍ ଖେଳଯିବାକୁ ଥିବା ବେଳେ ସେଠାରେ ଷ୍ଟାଡିୟମ ଗୁଡ଼ିକର ନିର୍ମାଣ କାମ ଅଧାପନ୍ତରା ହୋଇପଡ଼ି ରହିଛି । ଏପରି ସ୍ଥିତିରେ ଧାର୍ଯ୍ୟ ସମୟ ପୂର୍ବରୁ କାମ ସରିବା ଏକ ପ୍ରକାରର ଅସମ୍ଭବ ମନେ ହେଉଛି । ଭାରତ ଚାମ୍ପିୟନ୍ସ ଟ୍ରଫିରେ ମ୍ୟାଚ୍‌ଗୁଡ଼ିକ ଦୁବାଇରେ ଖେଳିବ । କିନ୍ତୁ ବାକି ଦଳଗୁଡ଼ିକ ସେମାନଙ୍କ ବେସ୍ କ୍ୟାମ୍ପ ପାକିସ୍ତାନରେ ହିଁ କରିବେ । ହେଲେ ପାକିସ୍ତାନରେ ଚାଲିଥିବା ଷ୍ଟାଡିୟମ ନିର୍ମାଣକୁ ନେଇ ଆସିଥିବା ଚିତ୍ର ଆଦୌ ସନ୍ତୋଷଜନକ ନୁହେଁ । ରିପୋର୍ଟରେ ଦାବି କରାଯାଇଛି ଯେ ଆଇସିସି ଧାର୍ଯ୍ୟ କରିଥିବା ସମୟ ପୂର୍ବରୁ ଷ୍ଟାଡିୟମର ନିର୍ମାଣ କାମ ସରିବା ଏକ ପ୍ରକାରର ଅସମ୍ଭବ । ଚାମ୍ପିୟନ୍ସ ଟ୍ରଫିର ହୋଷ୍ଟି ଦାୟିତ୍ୱ ପାଇବା ପରେ ପାକିସ୍ତାନ କ୍ରିକେଟ ବୋର୍ଡ ଆଇସିସିକୁ କଥା ଦେଇଥିଲା ଯେ ଦେଶର ଷ୍ଟାଡିୟମ ଗୁଡ଼ିକର ନବୀକରଣ କାମ ଜାନୁଆରୀ ୩୧ ସୁଦ୍ଧା ଶେଷ କରିଦେବ । କିନ୍ତୁ ଏବେ ଲାଗୁଛି ଯେ ଏହା ସମ୍ଭବ ନୁହେଁ ।

ପାକିସ୍ତାନ ମଧ୍ୟ ଚାମ୍ପିୟନ୍ସ ଟ୍ରଫି ପୂର୍ବରୁ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡକୁ ନେଇ ତ୍ରିପାକ୍ଷିକ ଦିନିକିଆ ସିରିଜ ଖେଳିବ । ଫେବୃୟାରୀ ୮ରୁ ଏହି ସିରିଜ ଆରମ୍ଭ ହେବାର ଅଛି । କିନ୍ତୁ ମ୍ୟାଚ୍ ଖେଳାଯିବାକୁ ଥିବା ଷ୍ଟାଡିୟମର ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ । ପାକିସ୍ତାନ ମିଡିଆରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ ଚାମ୍ପିୟନ୍ସ ଟ୍ରଫି ଡେଡ୍‌ଲାଇନ ମଧ୍ୟରେ ଷ୍ଟାଡିୟମ ଗୁଡ଼ିକ ନବୀକରଣ କାମ ସାରିବା ଏକପ୍ରକାରର ଅସମ୍ଭବ । କିନ୍ତୁ ନିର୍ମାଣ କାମ ଦାୟିତ୍ୱରେ ଥିବା ଅଧିକାରୀ ମାନେ ଟାର୍ଗେଟ ପୂରଣ ନେଇ ବେଶ୍ ଆଶାବାଦୀ ।"

ଷ୍ଟାଡିୟମ ନିର୍ମାଣକୁ ନେଇ ଆସିଥିବା ଫଟୋ ଓ ଭିଡିଓ ପାକିସ୍ତାନ କ୍ରିକେଟ ବୋର୍ଡର ସବୁ ମିଛର ପର୍ଦ୍ଦାଫାସ କରି ଦେଇଛି । ଚାମ୍ପିୟନ୍ସ ଟ୍ରଫି ବେଳେ ବିଭିନ୍ନ ଦଳକୁ ବିଶ୍ୱସ୍ତରୀୟ ଅଭିଜ୍ଞତା ମିଳିବ ବୋଲି ପାକିସ୍ତାନ ପିଟୁଥିବା ଡିଙ୍ଗୁରାର ସତ ଧରାପଡ଼ି ଯାଇଛି । କାରଣ ଠିକଣା ସମୟରେ ଖେଳାଳିଙ୍କ ପାଇଁ କେବଳ ମୌଳିକ ବ୍ୟବସ୍ଥା କରିବା ବି ଏବେ ପାକିସ୍ତାନ କ୍ରିକେଟ ବୋର୍ଡ ପାଇଁ କାଠିକର ପାଠ ସାଜିଛି ।

ଷ୍ଟାଡିୟମଗୁଡ଼ିକ ଏମିତି ସ୍ଥିତିରେ ରହିଛି ଯେଉଁଠାରେ କଷ୍ଟମଷ୍ଟେ ମ୍ୟାଚ୍ ଆୟୋଜନ ହୋଇ ପାରିବ । କିନ୍ତୁ ପାକିସ୍ତାନ କ୍ରିକେଟ ବୋର୍ଡ ତ୍ରିପାକ୍ଷିକ ସିରିଜ୍ ଓ ଚାମ୍ପିୟନ୍ସ ଟ୍ରଫିରେ ବିଶ୍ୱସ୍ତରୀୟ ଅଭିଜ୍ଞତା ହାସଲ କରିବେ ବୋଲି ଯେଉଁ ଡିଙ୍ଗୁରା ପିଟୁଥିଲେ, ତାହା ସମ୍ଭବ ନୁହେଁ ।

ଅନ୍ୟପକ୍ଷରେ ପିସିବିର ପ୍ରକଳ୍ପ ନିର୍ଦ୍ଦେଶକ ବିଲାଲ ଚୌହାନ କହିଛନ୍ତି, "ସବୁ କିଛି ନିୟନ୍ତ୍ରଣ ମଧ୍ୟରେ ରହିଛି । ଷ୍ଟାଡିମୟ ୩୧ ତାରିଖ ସୁଦ୍ଧା ପ୍ରସ୍ତୁତ ହୋଇଯିବ । ଯେତେବେଳେ ପିସିବି ଅଧ୍ୟକ୍ଷ ଆମକୁ ନିଜର ଲକ୍ଷ୍ୟ କରିଥିଲେ ସେତେବେଳେ ଆମେ ଭାବିଥିଲୁ ଯେ ଧାର୍ଯ୍ୟ ସମୟରେ କାମ ସାରିବା ଅସମ୍ଭବ । କିନ୍ତୁ ଏବେ ଆମକୁ ଲାଗୁଛି ଯେ ଆମେ ଏହାକୁ କରିପାରିବୁ ।"

ଆଇସିସିର ଗୋଟିଏ ସୂତ୍ରରେ କୁହାଯାଇଛି ଯେ ସାମ୍ନାକୁ ଆସିଥିବା ଫଟୋ ଓ ଭିଡିଓ ଅତ୍ୟନ୍ତ ନୈରାଶ୍ୟଜନକ । ୩ଟି ଯାକ ଷ୍ଟାଡିୟମ ପ୍ରସ୍ତୁତ ହେବା ଠାରୁ ବହୁତ ଦୂରରେ ରହିଛି । ଷ୍ଟାଡିୟମଗୁଡ଼ିକର ମରାମତି କରାଯାଉନି । ବରଂ ନୂଆ କରି ତିଆରି କରାଯାଉଛି ।

ଷ୍ଟାଡିୟମ କାମ ଅନେକ ବାକି ରହିଛି । କାମ ଶେଷ ହେବା ପରେ ଆଇସିସି ପୁଣି ସବୁ କିଛି ଯାଞ୍ଚ କରିବ । ଏହାପରେ ସେଠାରେ ମ୍ୟାଚ୍ ଖେଳାଯିବ କି ନାହିଁ, ତା'ର ନିଷ୍ପତ୍ତି ହେବ । ସାଧାଣତଃ ଆଇସିସି ଇଭେଣ୍ଟ ଆୟୋଜନ ହେଉଥିବା ଷ୍ଟାଡିୟମର କାମ ବହୁତ ପୂର୍ବର ଶେଷ ହୋଇଥାଏ । ଏହାଦ୍ୱାରା ଆଇସିସିକୁ ଅନ୍ତର୍ଜାତୀୟ ମ୍ୟାଚ୍ ପାଇଁ ସେଠାରେ ଥିବା ବ୍ୟବସ୍ଥାକୁ ଯାଞ୍ଚ ପାଇଁ ସମୟ ମିଳିଥାଏ । ହେଲେ ପାକିସ୍ତାନ କ୍ଷେତ୍ରରେ ଏହାର ବ୍ୟତୀକ୍ରମ ଦେଖିବାକୁ ମିଳିଛି ।

# ଆଞ୍ଚଳିକ ଫୁଟବଲ ଟୁର୍ଣ୍ଣାମେଣ୍ଟ : ଟାଉନ୍ ଟାଇଗର ଚାମ୍ପିୟନ



**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଚୌଦ୍ୱାର ଦୌଲତାବାଦ ସ୍ଥିତ ସାଇ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଆଞ୍ଚଳିକ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବିଲ୍ଟ ଖେଳ ପଡ଼ିଆରେ ୨ଦିନ ବ୍ୟାପୀ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା । ଫାଇନାଲ ମ୍ୟାଚ୍ ଦେବୀନଗରର ଟାଉନ ଟାଇଗର ଓ ଚୌଦ୍ୱାରର ୱାଇଏଏଫ୍‌ସି ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ଖେଳ ଅମିମାଂସିତ ରହିବାରୁ ସଡନଡେଥ୍ ପ୍ରକ୍ରିୟାରେ ଟାଉନ ଟାଇଗର ବିଜୟୀ ହୋଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା । ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, କାଉନସିଲର ଅଜୟ କୁମାର ବେହେରା, ଆଶୁତୋଷ ଦାସ, ଇନ୍ଦ୍ରାଣୀପାଟଣା ସରପଞ୍ଚ ପ୍ରତିନିଧି ବିନୟ କୁମାର ମଲ୍ଲିକ, ଅଶୋକ କୁମାର ସାହୁ, ପରେଶ ମହାପାତ୍ର, ଅକ୍ଷୟ କୁମାର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳ ଓ ରନର୍ସଅପ୍ ଟ୍ରଫି ପ୍ରଦାନ କରିଥିଲେ । ସାଇ ସ୍ପୋର୍ଟର୍ସ କ୍ଲବ ସଭାପତି ଦୀପକ କୁମାର ନାୟକ, ସୁରଜ ପ୍ରକାଶ ଭୂୟାଁ, ମନୋଜ କୁମାର ବେହେରା, ରଞ୍ଜନ ସ୍ୱାଇଁ, ଅଜୟ କୁମାର ଭୁୟାଁ, ଗଣେଶ ପ୍ରଧାନଙ୍କ ସମେତ କର୍ମକର୍ତ୍ତା ପରିଚାଳନା କରିଥିଲେ । ଅଭିରାମ ସ୍ୱାଇଁ, ବଜେନ୍ଦ୍ର ନାୟକ କ୍ରୀଡ଼ା ବିବରଣୀ ପ୍ରଦାନ କରିଥିଲେ ।

# ବରିଷ୍ଠ ନାଗରିକ ସଂଘ ତରଫରୁ ମିତ୍ର ସଙ୍ଗମ ଆସର

**ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସ୍ଥିତ ବରିଷ୍ଠ ନାଗରିକ ସଂଘ ତରଫରୁ ମିତ୍ର ସଙ୍ଗମ ଆସର କାର୍ଯ୍ୟକ୍ରମ ସ୍ଥାନୀୟ ଗାୟତ୍ରୀ ମନ୍ଦିର ସଭା ଗୃହ ପରିସରରେ ସଭାପତି ବିଜୟ ଚନ୍ଦ୍ର ଖଣ୍ଡଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଥାନା ଏସ.ଆଇ. ଭୋଳାନାଥ ପଣ୍ଡା ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏଥିରେ ଅଞ୍ଚଳର ସମସ୍ତ ବରିଷ୍ଠ ନାଗରିକଙ୍କ ପରିଚୟ ପତ୍ର କିପରି ପାଇ ପାରିବେ ସେ ନେଇ ଆଲୋଚନା ହେବା ସହ ପୂର୍ବରୁ ସ୍ଥାନୀୟ ଉପଜିଲ୍ଲାପାଳ ବରିଷ୍ଠ ନାଗରିକଙ୍କ ନିମନ୍ତେ ଏକ ଗୃହ ନିର୍ମାଣ କରିବା ପାଇଁ ସ୍ଥାନ ଚିହ୍ନଟ କରିବା ବିଷୟ ସ୍ଥାନୀୟ ତହସିଲଦାରଙ୍କୁ ଦିଆଯାଇଛି ବୋଲି ସଂଘର ସାଧାରଣ ସମ୍ପାଦକ ମନ୍ମଥ କୁମାର ରାଉଳ ପ୍ରକାଶ କରିଥିଲେ । ସଂଘର ସମସ୍ତ ସଦସ୍ୟଙ୍କ ମଧ୍ୟରେ ମ୍ୟୁଜିକ ଚେୟାର ଓ ଜମ୍ପିକ ବଲ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏହା ପରେ ସଂଘର ସମସ୍ତ ସଦସ୍ୟ ବନବାସୀ ସେବା ସମିତି ଦ୍ୱାରା ପରିଚ୍ଳଳିତ ଜରା ନିବାସରେ ପହଞ୍ଚି ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତ ବିଶ୍ୱନାଥ ପଟ୍ଟନାୟକଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରି ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଟାନ୍ନ ବର୍ଣ୍ଟନ କରିଥିଲେ । ଏଥିରେ ସଂଘର ସଦସ୍ୟ ପ୍ରହ୍ଲାଦ ପ୍ରସାଦ ଲେଙ୍କା, ବଂଶୀଧର ପଣ୍ଡାଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚ୍ଳନାରେ ସହଯୋଗ କରିଥିଲେ ।

# ଟାଟା ଷ୍ଟିଲ୍ ଏସ୍‌ଇଜେଡ୍ ପକ୍ଷରୁ ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନକ୍ଲେଭ ୨୦୨୫ରେ ଓଡ଼ିଶା ଅଭିବୃଦ୍ଧି ଯାତ୍ରା ପ୍ରତି ଅବଦାନ ପ୍ରଦର୍ଶିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମସ୍ଥିତ ଗୋପାଳପୁର ଶିଳ୍ପ ପାର୍କ (ଜିଆଇପି)ରେ ନୂତନ ପୁଁଜିନିବେଶ ଆକୃଷ୍ଟ କରିବା ସହ ଟାଟା ଷ୍ଟିଲ୍ ସ୍ପେସିଆଲ୍ ଇକୋନୋମିକ୍ ଜୋନ୍ ଲିମିଟେଡ୍ (ଟିଏସ୍‌ଏସ୍‌ଇଜେଡ୍‌ଏଲ୍) ଏହାର ଅଭିବୃଦ୍ଧି ପଥରେ ଆଗକୁ ବଢ଼ିବାର ପ୍ରତିଶ୍ରୁତି ଦେଇଛି । ଭୁବନେଶ୍ୱରରେ ଆୟୋଜିତ ଦୁଇ ଦିନିଆ ଉତ୍କର୍ଷ ଓଡ଼ିଶା ୨୦୨୫ କନକ୍ଲେଭରେ ଟିଏସ୍‌ଏସ୍‌ଇଜେଡ୍‌ଏଲ୍ ଏହାର ଅନନ୍ୟ ବିକ୍ରୟ ପ୍ରସ୍ତାବ ପ୍ରଦର୍ଶନ କରି ଓଡ଼ିଶାର ଅଭିବୃଦ୍ଧି କାହାଣୀରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ହୋଇଛି । ସମ୍ଭାବ୍ୟ ନିବେଶକ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ସହ ଆଲୋଚନା କରିବା ପାଇଁ କମ୍ପାନି ଏକ ଉତ୍ସର୍ଗୀକୃତ ପ୍ରଦର୍ଶନୀ ସ୍ଥାନ ଏବଂ ମିଟିଂ ଲାଉ ସହିତ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛି । ଟିଏସ୍‌ଏସ୍‌ଇଜେଡ୍‌ଏଲ୍ ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ମଣିକାନ୍ତ ନାୟକ କେମିକାଲ, ପେଟ୍ରୋକେମିକାଲ ଓ ପ୍ଲାଷ୍ଟିକ ଏବଂ ଶିଳ୍ପ ଭିତ୍ତିଭୂମି ଉପରେ ୨ଟି ଅଧିବେଶନରେ ବକ୍ତବ୍ୟ ରଖି ଏକ ଶିଳ୍ପ ବ୍ୟବସ୍ଥା ସୃଷ୍ଟି କରିବାରେ ଜିଆଇପି ଭଳି ଶିଳ୍ପ ପାର୍କର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଯାହା କମ୍ ସମୟ ମଧ୍ୟରେ ଶିଳ୍ପ ସ୍ଥାପନ କରିବା ପାଇଁ ସୁଯୋଗ ପ୍ରଦାନ କରୁଛି । ଏହି ଅବସରରେ ଟିଏସ୍‌ଏସ୍‌ଇଜେଡ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ମଣିକାନ୍ତ ନାୟକ କହିଛନ୍ତି ଯେ, 'ଓଡ଼ିଶାରେ ପୁଁଜିନିବେଶ ପାଇଁ ଏହା ଉତ୍ସାହଜନକ ସମୟ, କାରଣ ଦକ୍ଷତାର ସହ କୌଣସି ଷ୍ଟାର୍ଟଅପ୍ ଚଳାଇବା ପାଇଁ ରାଜ୍ୟ ସରକାର ସବୁ କିଛି ପ୍ରଦାନ କରୁଛନ୍ତି । ଆମେ ଆମ ଗୋପାଳପୁର ଶିଳ୍ପ ପାର୍କ ସହିତ ଦ୍ରୁତ ଗତିରେ ଅଗ୍ରଗତି କରୁଛୁ ଏବଂ ସରକାରଙ୍କ ସହାୟତାରେ ଆଗାମୀ କିଛି ବର୍ଷ ମଧ୍ୟରେ ସମଗ୍ର କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଆଶା ରଖିଛୁ । ଏହି ଅବସରରେ ଆମ ଶିଳ୍ପ ପାର୍କରେ କାରଖାନା ସ୍ଥାପନ କରିବାକୁ ବିଚାର କରୁଥିବା ଅକ୍ଷୟ ଶକ୍ତି, ରାସାୟନିକ ପଦାର୍ଥ, ସୋଲାର ସେଲ୍ ଏବଂ ମଡ୍ୟୁଲ୍ ନିର୍ମାତାଙ୍କ ସମେତ ଅନେକ କମ୍ପାନିଙ୍କ ସହ ଆଲୋଚନା କରିବାର ସୁଯୋଗ ଆମେ ପାଇଥିଲୁ । ଟିଏସ୍‌ଏସ୍‌ଇଜେଡ୍‌ଏଲ୍ ଏହି ଅଞ୍ଚଳ ଏବଂ ରାଜ୍ୟର ଅଭିବୃଦ୍ଧି ଯାତ୍ରା ପାଇଁ ପ୍ରତିଶ୍ରୁତିବଦ୍ଧ ଏବଂ ଏଥିରେ ସାମିଲ ହେଉଥିବା ନିବେଶକମାନଙ୍କୁ ସମସ୍ତ ଆବଶ୍ୟକ ସହଯୋଗ ପ୍ରଦାନ କରିବ ।' ଶିଳ୍ପ ପାର୍କରେ ବର୍ତ୍ତମାନ ସୁଦ୍ଧା ୩୨,୦୦୦ କୋଟି ଟଙ୍କାର ପୁଞ୍ଜିନିବେଶ ହୋଇଛି । ମୁଖ୍ୟତଃ ଗ୍ରିନ ହାଇଡ୍ରୋଜେନ ଏବଂ ଗ୍ରିନ ଆମୋନିଆ ସମେତ ଅକ୍ଷୟ ଶକ୍ତି କ୍ଷେତ୍ରରେ ଏହି ନିବେଶ ହୋଇଛି । ଏହି ଶିଳ୍ପ ପାର୍କ ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ସହଯୋଗରେ ସୁବିଧାରେ ଶିଳ୍ପ ଗଠନ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିର ବିକାଶ ଦିଗରେ କାର୍ଯ୍ୟ କରୁଛି ।

# ବରିଷ୍ଠ ସାମ୍ବାଦିକ, ସମାଜସେବୀ ଭାସ୍କର ଜେନାଙ୍କ ସ୍ମୃତିଚାରଣ ସଭା

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲାର ଅନ୍ୟତମ ବରିଷ୍ଠ ସାମ୍ବାଦିକ, ସମାଜସେବୀ ତଥା ବିଶିଷ୍ଟ ସଂଗଠକ ସ୍ୱର୍ଗତ ଭାସ୍କର ଚନ୍ଦ୍ର ଜେନାଙ୍କ ଏକାଦଶାହଃ ଉପଲକ୍ଷେ ଏକ ସ୍ମୃତି ସଭା ତାଙ୍କ ଖଇରାବାଦସ୍ଥ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ମୃତି ସଭାରେ ବହୁ ବ୍ୟକ୍ତି ବିଶିଷ୍ଟଙ୍କ ମଧ୍ୟରେ ଯାଜପୁର ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ଭବ ପ୍ରସାଦ ଦାସ, ଯାଜପୁର ବ୍ଲକ୍‌ର ତୁଷାର ପରିଡ଼ା, ଖଇରାବାଦର ଅଜୟ ମହାନ୍ତି, ଅମିନୁର୍ ରସିଦ୍ ଖାଁ, ସମାଜସେବୀ ସୁଜଳ ଚରଣ ସାହୁ, ଗୋକୁଳାନନ୍ଦ ରାଉତ ପ୍ରମୁଖ ଙ୍କ ସହ ଯାଜପୁର ଜିଲ୍ଲାର ବହୁ ବରିଷ୍ଠ ସାମ୍ବାଦିକ ବୁଦ୍ଧିଜୀବୀଙ୍କ ସହ ବହୁ ବ୍ୟାଙ୍କ କର୍ମଚାରୀ ସ୍ୱର୍ଗତ ଜେନାଙ୍କ ସ୍ମୃତି ଚାରଣ କରି କହିଲେ ଯେ ଭାସ୍କର ଜେନା ଏକା ଧାର ରେ ଜଣେ ବିଶିଷ୍ଟ ସାମ୍ବାଦିକ, ସ୍ତମ୍ଭକାର, ସଂଗଠକ, ସମାଜସେବୀ ଓ ରାଜନେତା ଭାବେ ବହୁ ବର୍ଷ ଧରି ଯାଜପୁର ଜିଲ୍ଲା ତଥା ବହୁ ରାଜ୍ୟ ସଂଗଠନ ସହିତ ଜଡିତ ରହି ତାଙ୍କ ସତ୍ୟନିଷ୍ଠ ଉଦ୍ୟମ ଦ୍ୱାରା ବହୁ ଜନହିତକର କାର୍ଯ୍ୟ କରିଥିଲେ ବୋଲି ବକ୍ତାମାନେ ବର୍ଣ୍ଣନା କରିଥିଲେ ।

# ଶ୍ରୀରାମଚନ୍ଦ୍ର ଲାଇବ୍ରେରୀର ଉନ୍ନତି ପାଇଁ ଜିଲ୍ଲାପାଳଙ୍କ ସହ ଆଲୋଚନା



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଐତିହାସିକ ଶ୍ରୀରାମଚନ୍ଦ୍ର ଲାଇବ୍ରେରୀ (ଜୁବିଲି ଲାଇବ୍ରେରୀ ) ପରିସରରେ ମୟୂରଭଞ୍ଜ ଶୁଭେଚ୍ଛୁ କତିପୟ ସ୍ୱନାମଧନ୍ୟ କୃତି ସନ୍ତାନ ତଥା ଏଏସଆଇ, ଆଇଆଇଟି ଭୁବନେଶ୍ୱର ବରିଷ୍ଠ ବିଶେଷଜ୍ଞ ଦଳଙ୍କ ଗହଣରେ ଜୁବୁଲି ଲାଇବ୍ରେରୀର ପୁନଃରୁଦ୍ଧାର ନେଇ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଲାଇବ୍ରେରୀର ବର୍ତ୍ତମାନର ଅବସ୍ଥା, ମରାମତି ଓ ଉନ୍ନତିକରଣ ସମ୍ବନ୍ଧରେ ସବିସ୍ତୃତ ଆଲୋଚନା କରାଯାଇଥିଲା । ଆଇଆଇଟି ଖଡ଼ଗପୁରର ପୂର୍ବତନ ନିର୍ଦ୍ଦେଶକ ତଥା ବିପିୟୁଟିର ପୂର୍ବତନ କୁଳପତି ଡଃ ଦାମୋଦର ଆଚାର୍ଯ୍ୟ ଆଲୋଚନାର ନେତୃତ୍ୱ ନେଇଥିବା ବେଳେ ଡଃ କିଶୋର ବସା, ଓଡ଼ିଶା ସୋସାଇଟି ଅଫ ଆମେରିକାର ପ୍ରତିନିଧି ଡଃ ଅଜୟ କୁମାର ମହାନ୍ତି, ଇଂ ଅଶୋକ ବସା, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଓଡ଼ିଶା ପୂର୍ତ୍ତ ବିଭାଗର ନିର୍ବାହୀଯନ୍ତ୍ରୀ ଓ ସହଯୋଗୀ ବିଶେଷଜ୍ଞ ମକ୍ଷଣ୍ଡଳୀ, ଜିଲ୍ଲା ସଂସ୍କୃତି ଅଧିକାରୀ, ପ୍ରୀତିଶ ବସା, ଡଃ ହରିହର ଦାସ, ଚିନ୍ମୟ ଦାସପଟନାୟକ, ଲାଇବ୍ରେରୀର ସଦସ୍ୟ ଏବଂ ଶୁଭେଚ୍ଛୁ ସେମାନଙ୍କ ବହୁମୂଲ୍ୟ ପରାମର୍ଶ ପ୍ରଦାନ କରିଥିଲେ । ଲାଇବ୍ରେରୀର ସର୍ବାଙ୍ଗୀନ ଉନ୍ନତିକରଣ ନିମି ଏକଜୁଟ ହୋଇ କାମ କରିବାପାଇଁ ସମସ୍ତେ ସହମତ ହୋଇଥିଲେ । ଅପରାହ୍ନରେ ଜିଲ୍ଲାପାଳ, ମୟୂରଭଞ୍ଜଙ୍କ ସହିତ ଲାଇବ୍ରେରୀର ଭବିଷ୍ୟତ ରୂପରେଖ ନେଇ ଆଲୋଚନା କରାଯାଇଥିଲା । ଜିଲ୍ଲାପାଳ ଲାଇବ୍ରେରୀର ଉନ୍ନତି କରଣ ପ୍ରସ୍ତାବର କାର୍ଯ୍ୟାନ୍ୱୟନ ନିମନ୍ତେ ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି ।

**OFFICE OF THE NOTIFIED AREA COUNCIL, BANKI** C-1556
Dist-Cuttack-754008
Ph : 06723-240228 e-mail ID : nacbanki@yahoo.com

Letter no. 208 Date 28.01.2025

The preparation of Comprehensive Drainage Master Plan and DPR for Storm Water Drainage System of Banki NAC, in the District of Cuttack, Odisha invites technical and financial proposals in conformity with the Detailed Bid Documents -"Request for Proposal", from eligible consultancy firms / agencies, to be selected on Least Cost Based Selection process. The bidders should have the necessary Portal Enrolment (with own Digital Signature Certificate). The bid documents comprising of eligibility criteria, instruction to bidders, scope of the work etc. can be seen / downloaded, from e-procurement portal of Govt, of Odisha:www.tendersodisha.gov.in / http://nacbanki(a)yahoo.com in during the period as stipulated under critical date.

1- Mode of Submission: Bid documents should be submitted online in www.tendersodisha.gov.in
2- Other details can be seen in the bidding documents, which is available in website www.tendersodisha.gov.in
3- Subsequent corrigendum, if required, shall appear in the website.
4- Please note that no liability will be accepted for difficulties in, and/or incomplete download of the Tender document.
5- Authority reserves the right to cancel the entire bid process or part of it, at any stage without assigning any reason thereof.
6- Group/Joint Venture / Consortium is not allowed in this Bidding.
7- Critical Dates:

| Sl. No. | Description | Critical Dates |
|---|---|---|
| (i) | Period of availability of bid documents on-line | From 10.00 Hrs. of 31.01.2025 to 17.00 Hrs. of 15.02.2025 |
| (ii) | Last date and time for submission of Pre-Proposal Query | 15.00 Hrs. of 05.02.2025 |
| (iii) | Pre-Proposal Meeting | 16.00 Hrs. of 07.02.2025 |
| (iv) | Issue of Pre-Proposal Clarification | 15.00 Hrs. of 10.02.2025 |
| (v) | Last date & time of submission of Proposal on- line | 17.00 Hrs. of 15.02.2025 |
| (vi) | Date & time of opening of Technical Bid | 15.00 Hrs. of 17.02.2025 |
| (vii) | Opening of Financial Bid | 18.02.2025 |

OIPR-13153/11/0002/2425 Sd/- Executive Officer, NAC Banki

**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
OSIC GST No. 21AAACO2101M1Z1

e-Procurement Notice CAD-2416

Tender Notice No.203/Mkt. Date: 30.01.2025

The Odisha Small Industries Corporation Ltd. (OSIC) (A Govt. of Odisha Undertaking), Industrial Estate, Madhupatna, Cuttack - 753 010, Odisha invites Tenders in sealed cover under two bid system i.e., Technical Bid & Price Bid for "Supply and installation of furniture & water purification system at Govt. Women's College, Sundargarh" as per specification", in ONLINE MODE.

| Date of Commencement of Tender | Last Date & Time of online submission and receipt of Tender | Date & Time for online opening of Tender | Cost of Tender Paper + GST@18%(Rs) |
|---|---|---|---|
| 30.01.2025 5.00PM | 19.02.2025 5.30PM | 20.02.2025 12.30PM | (Rs. 6000/-) |

The tender notice may be downloaded from http://tendersorissa.gov.in./website: www.osicltd.in and the same can be submitted ONLINE along with cost of Tender Paper in shape of Bank Draft. Any corrigendum / addendum / information relating to this NIT will only be uploaded in above websites which will not be published in Newspapers.

The bidders have to participate in ONLINE bidding only. Further details can be seen from the website http://tendersorissa.gov.in./www.osicltd.in. All future corrigendum will be available on ONLINE MODE ONLY.

OIPR-14073/11/0030/2425 Sd/- GENERAL MANAGER(O)

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩୧ ଜାନୁଆରୀ ୨୦୨୫ ଶୁକ୍ରବାର





# ରାଜ୍ୟସ୍ତରୀୟ ଶହୀଦ ଦିବସରେ ଜାତିର ଜନକଙ୍କୁ ଶ୍ରଦ୍ଧାସୁମନ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ବିଂଶ ଶତାବ୍ଦୀର ଶ୍ରେଷ୍ଠ ମାନବ ସତ୍ୟର ପୂଜାରୀ ତଥା ଅହିଂସାର ପ୍ରତୀକ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସକୁ ଶହୀଦ ଦିବସ ଭାବେ ପାଳନ କରାଯାଇଛି । ବିଧାନସଭା ପରିସରରେ ଗୁରୁବାର ପୂର୍ବାହ୍ନରେ ରାଜ୍ୟସ୍ତରୀୟ ଶହୀଦ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବାଚସ୍ପତି ସୁରମା ପାଢ଼ୀ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟକ ସୌଭିକ୍ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ସେଠୀ, ଲକ୍ଷ୍ମଣ ବାଗ୍ ପ୍ରମୁଖ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଓଡ଼ିଶା ପୋଲିସ ବ୍ୟାଣ୍ଡ ଦ୍ୱାରା ଜାତୀୟ ସଂଗୀତ ବାଦନ କରାଯାଇଥିଲା । ଶାଶ୍ୱତୀ ସାମାଜିକ ସାଂସ୍କୃତିକ କେନ୍ଦ୍ରର କଣ୍ଠଶିଳ୍ପୀଗଣ ଗାନ୍ଧିଜୀଙ୍କ ପ୍ରିୟ ଆଶ୍ରମ ଭଜନ 'ବୈଷ୍ଣବ ଜନ ତୋ' ପରିବେଷଣ କରିଥିଲେ । ପୋଲିସବାହିନୀ ଦ୍ୱାରା ବୀର ଶହୀଦମାନଙ୍କୁ ସମ୍ମାନ ପ୍ରଦର୍ଶନ ଉଦ୍ଦେଶ୍ୟରେ ତୋପଧ୍ୱନି, ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ପରେ ସମାପ୍ତିର ସଙ୍କେତ ସ୍ୱରୂପ ଦ୍ୱିତୀୟବାର ତୋପଧ୍ୱନି କରାଯାଇଥିଲା । ଓଡ଼ିଶା ପୋଲିସ ବ୍ୟାଣ୍ଡ ଦ୍ୱାରା ରାମଧୂନ ପରିବେଷଣ ଓ ଜାତୀୟ ସଂଗୀତ ବାଦନ ପରେ କାର୍ଯ୍ୟକ୍ରମର ସମାପ୍ତି ହୋଇଥିଲା । ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟିଙ୍କ ସମେତ ସମସ୍ତ ଅତିଥି ବିଧାନସଭା ପରିସରରୁ ପ୍ରସ୍ଥାନ କରିଥିଲେ । ଏହି ଅବସରରେ ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ, ବିଧାନସଭାର ସଚିବ ଦାଶରଥୀ ଶତପଥୀ, ସୂଚନା ଓ ଲୋକସଂପର୍କ ନିର୍ଦ୍ଦେଶକ ସରୋଜ କୁମାର ସାମଲ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ ଅର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ ଓ ଅନ୍ୟ ଅଧିକାରୀବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ଉପନିର୍ଦ୍ଦେଶକ ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨୦୨୫


# ବେଦାନ୍ତ ପକ୍ଷରୁ ଓଡ଼ିଶା ସରକାରଙ୍କ ସହ ୧ ଲକ୍ଷ କୋଟି ଟଙ୍କାର ଏମ୍ଓୟୁ ସ୍ୱାକ୍ଷରିତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ପ୍ରାକୃତିକ ସମ୍ପଦ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବିଶ୍ୱସ୍ତରରେ ଅଗ୍ରଣୀ ତଥା ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଓଡ଼ିଶାର ପ୍ରଗତିରେ ଅଂଶୀଦାର ଥିବା ବେଦାନ୍ତ ଲିମିଟେଡ୍ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟ ବିଶ୍ୱସ୍ତରୀୟ ନିବେଶ କନକ୍ଲେଭ ଉତ୍କର୍ଷ ଓଡ଼ିଶାର ରାଜ୍ୟ ସରକାରଙ୍କ ସହ ୧ ଲକ୍ଷ କୋଟି ଟଙ୍କାର ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି । ଉତ୍କର୍ଷ ଓଡ଼ିଶାର ଉଦ୍‌ଘାଟନୀ ଦିନରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବେଦାନ୍ତ ଲିମିଟେଡର ଅଧ୍ୟକ୍ଷ ଅନିଲ ଅଗ୍ରୱାଲଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ସମଗ୍ର ରାଜ୍ୟରେ ବିଶ୍ୱସ୍ତରୀୟ ଆଲୁମିନିୟମ ଉତ୍ପାଦନ କାରଖାନା ପ୍ରତିଷ୍ଠା ଓ ନିରନ୍ତର ବିକାଶକୁ ପ୍ରୋତ୍ସାହନ ଦେଇ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଏହି ପରିବର୍ତ୍ତନକାରୀ ପ୍ରତିବଦ୍ଧତାର ଲକ୍ଷ୍ୟ । ଏହି ସହଭାଗିତା ମଧ୍ୟରେ ବାର୍ଷିକ ୩ ନିୟୁତ ଟନ୍ ଆଲୁମିନିୟମ ପ୍ଲାଣ୍ଟ ଏବଂ ଆଲୁମିନିୟମ ପାର୍କର ବିକାଶ ଅନ୍ତର୍ଭୁକ୍ତ ରହିଛି ଯାହା ଆଲୁମିନିୟମ୍ ଉତ୍ପାଦର ଡାଉନଷ୍ଟ୍ରିମ୍ ଉତ୍ପାଦନକାରୀଙ୍କ ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହେବାକୁ ଯାଉଛି । ଏହି ପଦକ୍ଷେପ କେବଳ ବିଶ୍ୱ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳାରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସୁଦୃଢ଼ କରିବ ନାହିଁ ବରଂ ୨ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ଅଟୋମୋବାଇଲ, ଶକ୍ତି, ନିର୍ମାଣ ଏବଂ ଲଜିଷ୍ଟିକ୍ସ ଭଳି କ୍ଷେତ୍ରରେ ଏମଏସଏମଇ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ । ବେଦାନ୍ତ ଲିମିଟେଡର ଅଧ୍ୟକ୍ଷ ଅନୀଲ ଅଗ୍ରୱାଲ କହିଛନ୍ତି ଯେ, 'ବେଦାନ୍ତର ଅଭିବୃଦ୍ଧି କାହାଣୀରେ ଓଡ଼ିଶା ସର୍ବଦା ଅବିଚ୍ଛେଦ୍ୟ ଅଙ୍ଗ ରହିଆସିଛି ଏବଂ ଏହାର ସମ୍ବଳ ଭାରତର ଉନ୍ନତିରେ ଏକ ଅବିସ୍ମରଣୀୟ ଭୂମିକା ଗ୍ରହଣ କରିଛି । ଏହି ବୁଝାମଣାପତ୍ର ରାଜ୍ୟରେ ବ୍ୟାପକ ଶିଳ୍ପାୟନ ଏବଂ ସାମାଜିକ-ଅର୍ଥନୈତିକ ବିକାଶ ଦିଗରେ ଏକ ଗୁରୁତ୍ୱର୍ଣ୍ଣ ପଦକ୍ଷେପ ଏବଂ ଏହାର ପ୍ରଗତି ପ୍ରତି ଆମର ପ୍ରତିବଦ୍ଧତାକୁ ଦୋହରାଇଛି । ଓଡ଼ିଶା ସରକାରଙ୍କ ସହ ଆମର ଦଶନ୍ଧି ଧରି ସହଯୋଗକୁ ସୁଦୃଢ଼ କରିବା, ରାଜ୍ୟରେ ଲକ୍ଷ ଲକ୍ଷ ଲୋକଙ୍କ ସ୍ଥାୟୀ ଅଭିବୃଦ୍ଧି, ଦକ୍ଷତା ବିକାଶ ଏବଂ ଉନ୍ନତ ମାନର ଜୀବନ ଧାରଣକୁ ସୁନିଶ୍ଚିତ କରିବା ପାଇଁ ଆମେ ଗର୍ବିତ ।'' ବେଦାନ୍ତର ବର୍ତ୍ତମାନର ପୁିନିବେଶ ଯୋଗୁଁ ଲାଞ୍ଜିଗଡ଼ରେ ଏକ ବିଶ୍ୱସ୍ତରୀୟ ଆଲୁମିନା ବିଶୋଧନାଗାର ସହିତ ଝାରସୁଗୁଡ଼ାରେ ବିଶ୍ୱର ସର୍ବବୃହତ ଆଲୁମିନିୟମ ସ୍ମେଲଟର ସୃଷ୍ଟି ହୋଇଛି ଯାହା ଓଡ଼ିଶାକୁ ଭାରତର ଆଲୁମିନିୟମ ହବ୍‌ରେ ପରିଣତ କରିବାରେ ସହାୟକ ହୋଇଛି । ସାରା ରାଜ୍ୟରେ ବଢୁଥିବା ଖଣି ପୋର୍ଟଫୋଲିଓ ବ୍ୟତୀତ ଭଦ୍ରକରେ ଫେରୋ କ୍ରୋମ୍ ଉତ୍ପାଦନ କରୁଥିବା ଦେଶର ଅଗ୍ରଣୀ ଉତ୍ପାଦନକାରୀଙ୍କ ମଧ୍ୟରେ କମ୍ପାନି ଫେକୋର୍ ମଧ୍ୟ ରହିଛି । ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ସୁବିଧା, ଦକ୍ଷତା ବିକାଶ କେନ୍ଦ୍ର ଏବଂ ନନ୍ଦଘର (ଆଧୁନିକ ଅଙ୍ଗନବାଡ଼ି କେନ୍ଦ୍ର) ସୃଷ୍ଟି ଉପରେ କମ୍ପାନି ଗୁରୁତ୍ୱ ଦେବା ସହିତ ଓଡ଼ିଶାର ସାମଗ୍ରିକ ଗୋଷ୍ଠୀ ବିକାଶ ସୁନିଶ୍ଚିତ କରିବା ସହିତ ଏହାର ଆଖପାଖ ଅଂଚଳର ସାମାଜିକ-ଅର୍ଥନୈତିକ ପ୍ରଗତିକୁ ତ୍ୱରାନ୍ୱିତ କରିଛି । ୨୦୩୦ ସୁଦ୍ଧା ଆଲୁମିନିୟମର ବିଶ୍ୱ ଚାହିଦା ଦ୍ୱିଗୁଣିତ ହେବ ବୋଲି ଆଶା କରାଯାଉଥିବା ବେଳେ ଏହି ବୁଝାମଣାପତ୍ର ଏକ ଶିଳ୍ପ ଓ ଅର୍ଥନୈତିକ ମହାଶକ୍ତି ଭାବରେ ଓଡ଼ିଶାର ସ୍ଥିତିକୁ ସୁଦୃଢ଼ କରିବ ଏବଂ ଓଡ଼ିଶାର ରୂପାନ୍ତର ଏବଂ ଭାରତର ଶିଳ୍ପ ବିକାଶରେ ଏକ ଉତ୍ପ୍ରେରକ ଭାବେ ବେଦାନ୍ତର ଭୂମିକାକୁ ଦୋହରାଇଛି ।

# ଗୁଜୁରାଟର ମେଗା ଫୁଡ଼ ପାର୍କ କମ୍ପାନୀ ଓଡ଼ିଶାରେ ନିବେଶ ପାଇଁ ଆଗ୍ରହୀ

# ସରକାରଙ୍କ ତରଫରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ : ଶ୍ରୀ ସିଂହଦେଓ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଉତ୍କର୍ଷ ଓଡ଼ିଶା କନକ୍ଲେଭ ସଫଳତାର ସହ ସମାପ୍ତ ହେବା ପରେ ମଧ୍ୟ ଓଡ଼ିଶାକୁ ନିବେଶକଙ୍କ ସୁଅ ଛୁଟିଛି । ଗୁଜୁରାଟର ଫଣିଧର ଗ୍ରୁପ ଓଡ଼ିଶାରେ ନିବେଶ କରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ଏହି ଗ୍ରୁପ ଓଡ଼ିଶାରେ ଶୀତଳ ଭଣ୍ଡାର କରିବା ସହିତ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ ପ୍ରତିଷ୍ଠା କରିବା ନେଇ ଆଗ୍ରହ ଦେଖାଇଛନ୍ତି । ଏହି ପରିପ୍ରେକ୍ଷିରେ ଫଣିଧର ଗ୍ରୁପର ଚେୟାରମ୍ୟାନ ଶ୍ରୀ କୃଣାଳ ପଟେଲ ଓ ପ୍ରେସିଡେଂଟ ଡ଼ ବିଭୁ ପ୍ରସାଦ ସ୍ୱାଇଁ ଆଜି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ସାକ୍ଷାତକରି ଏହି ବିଷୟରେ ଆଲୋଚନା କରିଛନ୍ତି । କୃଷିଭିତ୍ତିକ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ଓଡ଼ିଶା ସରକାର ନିବେଶକ ଅନୁକୂଳ ନୀତି ନିର୍ଦ୍ଧାରିତ କରିଛନ୍ତି । ଏତଦବ୍ୟତୀତ ବିଭିନ୍ନ ଯୋଜନା ମାଧ୍ୟମରେ ସବସିଡ଼ି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦେବାକୁ ପ୍ରତିଶୃତି ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ । ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅନ୍ତର୍ଗତ ଦିଆ ଯାଉଥିବା ସୁବିଧାର ଲାଭ ମଧ୍ୟ ଏହି କମ୍ପାନୀ ପାଇ ପାରିବେ ବୋଲି ମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି । ଫଣିଧର ଗ୍ରୁପ ଗୁଜୁରାଟର ଏକ ନାମକରା କୃଷି ଉଦ୍ୟୋଗ କ୍ଷ ଗୁଜୁରାଟର ମେହେସାନାରେ ଏହାର ଏକ ମେଗା ଫୁଡ଼ ପାର୍କ ରହିଛି । ସେହିଭଳି ଏକ ମେଗା ଫୁଡ଼ ପାର୍କ ପରବର୍ତ୍ତୀ ସମୟରେ ଓଡ଼ିଶାରେ ମଧ୍ୟ ଖୋଲିବା ପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ଆଗରେ ଇଚ୍ଛାପ୍ରକାଶ କରିଛନ୍ତି କ୍ଷ ଏହି ଅବସରରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢୀଙ୍କ ସହ ସମ୍ପୃକ୍ତ କମ୍ପାନୀର ଚେୟାରମ୍ୟାନ ଓ ପ୍ରେସିଡେଂଟ ଓଡ଼ିଶାର ବିଭିନ୍ନ ଯୋଜନା ଓ ପ୍ରଣାଳୀ ବାବଦରେ ଆଲୋଚନା କରିସାରିଛନ୍ତି । ଏହି ଅବସରରେ ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀ ନିଖିଲ୍ ପଓ୍ୱନ କଲ୍ୟାଣ ଉପସ୍ଥିତ ଥିଲେ ।

## ଭଞ୍ଜସେନାର ୨୭ତମ ପ୍ରତିଷ୍ଠା ଦିବସ ପାଳନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଜାନୁୟାରୀ ୨୩ ତାରିଖ ଭାରତବର୍ଷର ମହାନ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଦିବସରେ ପ୍ରତିଷ୍ଠା ହୋଇଥିବା ମୟୁରଭଞ୍ଜ ଜିଲ୍ଲାର ଏକମାତ୍ର ସଂଗ୍ରାମୀ ଯୁବଛାତ୍ର ସଂଗଠନ 'ଭଞ୍ଜସେନା'ର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନକ୍ରମେ ୨୭ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଚଳିତ ବର୍ଷ ଜିଲ୍ଲାରେ ଥିବା ବିଭିନ୍ନ ଛୋଟବଡ଼ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ସଂଗଠନ କର୍ମକର୍ତ୍ତା ଏବଂ ମେମ୍ବରମାନଙ୍କ ଦ୍ୱାରା ରୋଗୀଙ୍କୁ ଫଳ ଓ ବିସ୍କୁଟ ପ୍ରଦାନ କରାଯାଇଥିଲା ଏବଂ ବାରିପଦା ଠାରେ ସଂଗଠନ ପକ୍ଷରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶରେ ଏକ ୯ ଦଫା ଦାବି ସମ୍ବଳିତ ଦାବିପତ୍ର ମୟୁରଭଞ୍ଜ ଜିଲ୍ଲା ଜରୁରୀକାଳୀନ ଅଧିକାରିଣୀ ଶ୍ରଦ୍ଧା ସୁମନ ମାଧ୍ୟମରେ ପ୍ରେରଣ କରାଯାଇଥିଲା ।



ଭୁବନେଶ୍ୱର : ଜନତା ମଇଦାନରେ ଅନୁଷ୍ଠିତ ଉତ୍କର୍ଷ ଓଡ଼ିଶା-୨୦୨୫ ଅବସରରେ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ (ଏମ୍‌ସିଏଲ) ପକ୍ଷରୁ ଆୟୋଜିତ ପ୍ରଦର୍ଶନୀକୁ ବୁଲି ଦେଖୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ନିକଟରେ ଉପସ୍ଥିତ ଅଛନ୍ତି କୋଲ୍ ଇଣ୍ଡିଆ ଅଧ୍ୟକ୍ଷ ପି.ଏମ୍. ପ୍ରସାଦ, ଏମ୍‌ସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଏ.କାଲେ ପ୍ରମୁଖ । ( ଫଟୋ : ସମ୍ବାଦ କଳିକା)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୫ ଫେବୃଆରୀ...

ବୃଦ୍ଧି କରାଯାଇଛି ।

ରାଜ୍ୟର ୩୯ ଲକ୍ଷ ହିତାଧିକାରୀ ଇ-କେଓ୍ୱାଇସି ଅପ୍‌ଡେଟ କରି ନାହାନ୍ତି । ୨୯ ତାରିଖ ସୁଦ୍ଧା ୨ କୋଟି ୯୬ ଲକ୍ଷ ୯୭ ହଜାର ୩୩୨ ଜଣ କରିଛନ୍ତି ଇ-କେଓ୍ୱାଇସି ଅପ୍‌ଡେଟ୍ ।

ରାଜ୍ୟରେ ରହୁଥିବା ୨ କୋଟି ୯୫ ଲକ୍ଷ ୬୪ ହଜାର ୯୫୪ ଜଣ ଇ-କେଓ୍ୱାଇସି ଅପ୍‌ଡେଟ କରିଛନ୍ତି । ରାଜ୍ୟ ବାହାରେ ରହୁଥିବା ୧ ଲକ୍ଷ ୩୨ ହଜାର ୩୭୮ ଜଣ ଇ-କୋଇସି ଅପ୍‌ଡେଟ କରିଛନ୍ତି । ଜାନୁଆରୀ ୨୯ ତାରିଖ ସୁଦ୍ଧା ମୋଟ ୩୮ ଲକ୍ଷ ୩ ହଜାର ୨୩୮ ଜଣ ଇ-କେଓ୍ୱାଇସି ଅପ୍‌ଡେଟ କରିନାହାନ୍ତି ବୋଲି ମନ୍ତ୍ରୀ କହିଛନ୍ତି ।

କାର୍ଡରେ ଅଯୋଗ୍ୟ ଓ ମୃତ ବ୍ୟକ୍ତି ଥିବାରୁ ଇ-କେଓ୍ୱାଇସି କରିବାକୁ ବହୁ ହିତାଧିକାରୀ ଆସୁ ନାହାନ୍ତି ବୋଲି ଯୋଗାଣ ମନ୍ତ୍ରୀ କହିଛନ୍ତି ।

### ମଝି ଆକାଶରେ...

ବେଳେ ଅନ୍ୟମାନଙ୍କୁ ଖୋଜା ଚାଲିଛି ।

ଦୁର୍ଘଟଣା ଆମେରିକାନ ଏୟାରଲାଇନ୍ସ ରିଜିଓନାଲ ଫ୍ଲାଇଟ ଓ ଆମେରିକା ଆର୍ମି ବ୍ଲାକ ହକ ହେଲିକପ୍ଟର ମଧ୍ୟରେ ହୋଇଛି । ୱାଶିଂଟନ ଡିସିର ମେୟର ଏମ ବ୍ରାଉଜର କହିଛନ୍ତି, ଉଭୟ ବିମାନ ଓ ହେଲିକପ୍ଟର ଏବେ ବି ନଦୀ ମଧ୍ୟରେ ରହିଛି । ନଦୀରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବାକୁ ଫୋକସ କରାଯାଉଛି । ବିମାନରେ ୬୪ ଜଣ ଓ ହେଲିକପ୍ଟରରେ ୩ ଜଣ ସେନା କର୍ମଚାରୀ ଥିଲେ । ଏବେ ଆମେ ଆଉ କିଛି ତଥ୍ୟ ଦେବାକୁ ଚାହୁଁନାହୁଁ । ଘଟଣା ପରେ ଏୟାରପୋର୍ଟର ସମସ୍ତ ପ୍ରକାରର ଟେକଅଫ ଓ ଲ୍ୟାଣ୍ଡିଂକୁ ବାତିଲ କରିଦିଆଯାଇଛି ।

ବ୍ୟବସାୟିକ ବିମାନ ଲ୍ୟାଣ୍ଡିଂ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ସାମ୍ନାକୁ ଆସୁଥିବା ଆର୍ମି ହେଲିକପ୍ଟର ସହ ଏହାର ମୁହାଁମୁହିଁ ଧକ୍କା ହୋଇଛି । କିନ୍ତୁ ଏଠାରେ ପ୍ରଶ୍ନ ଉଠୁଛି ଯେ ବିମାନକୁ ଦେଖି ସେଠାରେ ଚକର କାଟୁଥିବା ସେନା ହେଲିକପ୍ଟର ନିଜର ଗତିପଥ ବଦଳାଇଲା ନାହିଁ ? ବିମାନ ଆସୁଥିବା ଜାଣି ମଧ୍ୟ ଏୟାର ଟ୍ରାଫିକ କଣ୍ଟ୍ରୋଲର କାହିଁକି ହେଲିକପ୍ଟରର ଦିଗ ବଦଳାଇଲା ନାହିଁ ? ହେଲିକପ୍ଟରଟି ଚାହିଁଥିଲେ ଉପରକୁ, ତଳକୁ କିମ୍ବା ସାଇଡକୁ ବୁଲି ପାରି ଥାଆନ୍ତା । କିନ୍ତୁ କାହିଁକି ସେନା ହେଲିକପ୍ଟର ଏପରି କଲା ନାହିଁ ?

ବିମାନଟି ଉପଯୁକ୍ତ ଢଙ୍ଗରେ ଓ ନିୟମିତ ଆକାଶ ପଥରେ ଏୟାରପୋର୍ଟ ଆଡ଼କୁ ଆସୁଥିଲା । ହେଲିକପ୍ଟରଟି ସିଧା ବିମାନ ଆଡ଼କୁ ବେଶ କିଛି ସମୟ ଧରି ମାଡ଼ି ଚାଲିଥିଲା । ଘଟଣା ବେଳେ ଆକାଶ ପଥ ସଂପୂର୍ଣ୍ଣ ପରିଷ୍କାର ରହିଥିଲା । ବିମାନର ଲାଇଟ ମଧ୍ୟ ଜଳୁଥିଲା । ତଥାପି ହେଲିକପ୍ଟର ପାଇଲଟ କେମିତି ଏହାକୁ ଦେଖି ପାରିଲେ ନାହିଁ ? କାହିଁକି ହେଲିକପ୍ଟରଟି ଉପରକୁ, ତଳକୁ କିମ୍ବା ଟର୍ଣ୍ଣ କଲା ନାହିଁ ?

କଣ୍ଟ୍ରୋଲ ଟାୱାର କଣ କରାଯିବ ନ କହି କାହିଁକି ହେଲିକପ୍ଟର ପାଇଲଟଙ୍କୁ ବିମାନ ଦେଖାଯାଉଛି କି ନାହିଁ ପ୍ରଶ୍ନ କରିଥିଲେ । ସବୁ କିଛିକୁ ଦେଖିଲେ ଲାଗୁଛି ଯେ ଦୁର୍ଘଟଣାକୁ ଏଡାଇ ଦିଆଯାଇ ପାରିଥାଆନ୍ତା । ଏହା ଆଦୌ ଭଲ କଥା ନୁହେଁ ବୋଲି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ।

ବର୍ତ୍ତମାନ ସୁଦ୍ଧା ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡ଼ିନାହିଁ । ଫ୍ଲାଇଟର ରେଡିଓ ଟ୍ରାନ୍ସପଣ୍ଡର ତଥ୍ୟ ଦର୍ଶାଉଛି ଯେ ବିମାନଟି ଭୂପୃଷ୍ଠରୁ ୪୦୦ ଫୁଟ ଉପରେ ଥିଲା । ଏହା ଘଣ୍ଟା ପ୍ରତି ୧୪୦ କିମି ବେଗରେ ଯାଉଥିଲା । କିନ୍ତୁ ପୋଟୋମାକ ନଦୀ ଉପରେ ହେଲିକପ୍ଟରରେ ଧକ୍କା ହେବାରୁ ଏହା ନିୟନ୍ତ୍ରଣ ବାହାରକୁ ଚାଲି ଯାଇଥିଲା । ଘଟଣା ପରେ ଫେଡରାଲ ଆଭିଏସନ ଅଥୋରିଟି ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି । ସେହିପରି ଜାତୀୟ ପରିବହନ ସୁରକ୍ଷା ବୋର୍ଡ ମଧ୍ୟ ଘଟଣାରେ ଅଧିକ ତଥ୍ୟ ଯୋଗାଡ଼ କରୁଥିବା କହିଛି ।

### ଓଡିଶା ସ୍ୱାସ୍ଥ୍ୟ...

ପ୍ୟାନେଲ ଏବଂ ନୂତନ ୱେବସାଇଟ ଉଦ୍‌ଘାଟିତ ହୋଇଥିଲା, ଯେଉଁଥିରେ ସଂସ୍ଥାନର ଡିଜିଟାଲ ପ୍ରଗତି ପ୍ରତିଫଳିତ ।

ପ୍ରଫେସର ଡା ରୋଜା ରମଣୀ କମିଟିର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବିଷୟରେ ସଂକ୍ଷିପ୍ତ ବିବରଣୀ ରଖିଥିଲେ । ସେ କମିଟିର ସମସ୍ତ ସଦସ୍ୟଙ୍କ ପରିଚୟ କରାଇ ସେମାନଙ୍କର ମୌଳିକ ଚିକିତ୍ସା ବିଜ୍ଞାନ, କ୍ଲିନିକାଲ ଗବେଷଣା, ଆଇନ ଏବଂ ସାମାଜିକ ବିଜ୍ଞାନ କ୍ଷେତ୍ରର ଅଭିଜ୍ଞତା ବିଷୟରେ ଉଲ୍ଲେଖ କରିଥିଲେ ।

ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ସନ୍ତୋଷୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### 'ବିକଶିତ ଗାଁ,...

ଚେଞ୍ଜିଙ୍ଗ ରୁମ୍, ମାର୍କେଟ୍ ସେଡ୍ ତିଆରି ପାଇଁ ଟଙ୍କା ମିଳିବ । ଭୋଗ ମଣ୍ଡପ, ଭାଗବତ ଟୁଙ୍ଗୀ ତିଆରି ହେବ । ସବୁ ଧର୍ମର ଉପାସନାସ୍ଥଳୀ ବା ଧାର୍ମିକ ପୀଠର ବିକାଶ ପାଇଁ ପାଣ୍ଠି ଖର୍ଚ୍ଚ ହେବ । ଧାର୍ମିକ ସ୍ଥଳ ପାଖରେ ଶୌଚାଳୟ ଓ ପିଇବା ପାଣି ସୁବିଧା କରାଯିବ । ପଞ୍ଚାୟତରେ ଥିବା ଛୋଟ ଛୋଟ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ବ୍ୟବସ୍ଥା ହେବ । ଶିକ୍ଷା ଭିତ୍ତିଭୂମି ପାଇଁ ମଧ୍ୟ ଏହି ଯୋଜନାରୁ ପାଣ୍ଠି ମିଳିବ । ବିଦ୍ୟାଳୟର ଆଧୁନିକୀକରଣ, ପ୍ରତି ଗାଁରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ କରାଯିବ । ଲମ୍ଫ ଡ଼ିଆଁ ଓ ଉଚ୍ଚ ଡ଼ିଆଁ ପାଇଁ ବ୍ୟବସ୍ଥା ରହିବ । ସବୁଠୁ ବଡ଼ କଥା ହେଉଛି, ନୂଆ ସରକାର ପୁରୁଣା ପ୍ରକଳ୍ପର ଆବଶ୍ୟକତାକୁ ହୃଦୟଙ୍ଗମ କରି ପାଣ୍ଠି ଦେବାକୁ ନିଷ୍ପତ୍ତି ନେଇଛନ୍ତି । ଆମ ଓଡ଼ିଶା, ନବୀନ ଓଡ଼ିଶା ଯୋଜନାରେ ଆରମ୍ଭ ହୋଇ ଅଟକି ଯାଇଥିବା ପ୍ରକଳ୍ପ ପାଇଁ ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାରୁ ଟଙ୍କା ଦେଇ ହେବ । ତେବେ ପୁରୁଣା ପ୍ରକଳ୍ପ କାମରେ ମୋଟ ପାଣ୍ଠିର ୨୦ ପ୍ରତିଶତରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଥିଲେ ଯାଇ ଏହାକୁ ଆଗେଇବାକୁ ଅନୁମତି ମିଳିବ ବୋଲି ମାର୍ଗଦର୍ଶିକାରେ କୁହାଯାଇଛି । ସବୁ ପଞ୍ଚାୟତ ଗ୍ରାମସଭା ଡାକି ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନା ପାଇଁ ପ୍ରକଳ୍ପ ଚୟନ କରିବେ । ଗ୍ରାମସଭାରେ ୫ ବର୍ଷିଆ ଯୋଜନା ତାଲିକା ପ୍ରସ୍ତୁତ କରାଯିବ । ଫେବ୍ରୁଆରୀ ୧୪ ସୁଦ୍ଧା ଗ୍ରାମସଭାରେ ପ୍ରକଳ୍ପ ତାଲିକା ଚୟନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସମସ୍ତ ପଞ୍ଚାୟତ ୧୫ ତାରିଖରେ ବ୍ଲକରେ ଏହି ପ୍ରକଳ୍ପ ତାଲିକା ଦାଖଲ କରିବେ । ୧୮ ତାରିଖ ସୁଦ୍ଧା ପଞ୍ଚାୟତ ସମିତିର ଟେକ୍ନିକାଲ କମିଟି ଏହାକୁ ଯାଞ୍ଚ ସାରିବ । ୨୦ ତାରିଖ ସୁଦ୍ଧା ଏହାକୁ ଜିଲ୍ଲାପାଳଙ୍କ ପାଖକୁ ପଠାଯିବ । ଜିଲ୍ଲାପାଳ ପ୍ରକଳ୍ପର ଅନୁମୋଦନ ଦେବା ପରେ କାମ ଆଗେଇବ ବୋଲି ମାର୍ଗଦର୍ଶିକାରେ ଦର୍ଶାଯାଇଛି ।

### ଡିଜିଟାଲ ଆରେଷ୍ଟର ...

ସିମ ବନ୍ଦ ହୋଇଯିବ ବୋଲି ସେ କହିଥିଲେ । ତାଙ୍କ ସ୍ୱାମୀଙ୍କ ଆଧାର ନମ୍ବର ସହ ଉକ୍ତ ଫୋନ ନମ୍ବର ଯୋଡି ରହିଛି । ସେହିପରି ତାଙ୍କ ନାମରେ ୨କୋଟି ୩୮ ଲକ୍ଷ ଟଙ୍କାର ଏକ ମନିଲଣ୍ଡ୍ରିଙ୍ଗ ମାମଲା ମହାରାଷ୍ଟ୍ରର କୋଲାବ ଥାନାରେ ରୁଜୁ ହୋଇଛି । ଯାହାର ଆରେଷ୍ଟ ୱାରେଣ୍ଟ ମଧ୍ୟ ବାହାରିସାରିଛି । ପରେ ହ୍ୱାଟ୍ସଆପରେ ୪ଟି ନମ୍ବର ଯୋଗେ ଭିଡିଓ କଲ ମାଧ୍ୟମରେ ଯୋଡି ହେବାକୁ ସାଇବର ଠକ ଶିକ୍ଷୟିତ୍ରୀଙ୍କୁ କହିଥିଲେ । ସେ ଉକ୍ତ ନମ୍ବରକୁ କଲ କରିବା ବେଳେ ସେମାନେ ନିଜକୁ ପୋଲିସ ଅଫିସର, ସୁପ୍ରିମକୋର୍ଟ ଜଜ ଭାବେ ମଧ୍ୟ ପରିଚୟ ଦେଇଥିଲେ ।

ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ସମସ୍ତ ଟଙ୍କା ରିଜର୍ଭ ବ୍ୟାଙ୍କକୁ ଟ୍ରାନ୍ସଫର ହେବ । ଘଟଣାର ତଦନ୍ତ ପରେ ସେ ସମସ୍ତ ଟଙ୍କା ଫେରି ପାଇବେ ବୋଲି କହିଥିଲେ । ଟଙ୍କା ଜମା ନ କଲେ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କୁ ଗିରଫ କରାଯିବ ବୋଲି ସେମାନେ ଭୟଭୀତ କରିଥିଲେ । ସେମାନଙ୍କ କଥାରେ ଭୟଭୀତ ହୋଇ ଶିକ୍ଷୟିତ୍ରୀ ଜଣଙ୍କ ନିଜ ଅଙ୍କୁଶପୁର ଷ୍ଟେଟବ୍ୟାଙ୍କରୁ ଗତ ୨୧ ତାରିଖରେ ୩୦ ଲକ୍ଷ ଟଙ୍କା ମଧ୍ୟପ୍ରଦେଶର ବିଥେଲ ମିଶନ ସ୍କୁଲକୁ ଟ୍ରାନ୍ସଫର କରିବା ସହ ୨୨ ତାରିଖରେ ବ୍ରହ୍ମପୁର ବିଜୁପୁର ଶାଖାରେ ଥିବା ଷ୍ଟେଟବ୍ୟାଙ୍କରୁ ୪ ଲକ୍ଷ ୫୦ ହଜାର ଟଙ୍କା ଅନ୍ୟ ଏକ ବ୍ୟାଙ୍କ ଆକାଉଣ୍ଟକୁ ଆରଟିଜିଏସ କରିଥିଲେ । ପରେ ମଧ୍ୟ ସାଇବର ଠକମାନେ ଉଭୟ ଦମ୍ପତିଙ୍କୁ ବାରମ୍ବାର ଫୋନ କରି ଭୟଭୀତ କରିବାରେ ଲାଗିଥିଲେ । ଶେଷରେ ଶିକ୍ଷୟିତ୍ରୀ ଜଣଙ୍କ ଅଙ୍କୁଶପୁର ଷ୍ଟେଟବ୍ୟାଙ୍କ ଶାଖାକୁ ଯାଇ ଏନେଇ ମ୍ୟାନେଜରଙ୍କ ସହ ଆଲୋଚନା କରିଥିଲେ । ସାଇବର ଠକଙ୍କ ଶିକାର ହୋଇଥିବା ଜାଣିବା ପରେ ଶିକ୍ଷୟିତ୍ରୀ ଥାନାରେ ଏତଲା ଦେଇଛନ୍ତି ।

### ମାଡିଆସୁଛି ...

ଆଣବିକ ଅସ୍ତ୍ରଶସ୍ତ୍ର ବ୍ୟବହାର ସହିତ ଜଳବାୟୁ ପରିବର୍ତ୍ତନ ଏବଂ ଏଆଇ ପରି ନୂତନ ମନୁଷ୍ୟକୃତ ବିପଦକୁ ମଧ୍ୟ ବିଚାର କରିଛନ୍ତି । ୨୦୨୪ ଘୋଷଣାରେ କୁହାଯାଇଛି ଚାଇନା, ରୁଷିଆ ଏବଂ ଆମେରିକା ସେମାନଙ୍କର ପରମାଣୁ ଅସ୍ତ୍ରଶସ୍ତ୍ରକୁ ବିସ୍ତାର କିମ୍ବା ଆଧୁନିକୀକରଣ କରିବା ପାଇଁ ବିପୁଳ ପରିମାଣର ଖର୍ଚ୍ଚ କରୁଛନ୍ତି । ଫଳରେ ପରମାଣୁ ଯୁଦ୍ଧର ଆଶଙ୍କା ବୃଦ୍ଧି ପାଇଛି ।

# ଫେବୃୟାରୀ ୩ ରେ ଜନ ଅଭିଯୋଗ ଶୁଣାଣି କରିବେ ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଆଗାମୀ ଫେବୃୟାରୀ ୩ ତାରିଖ (ସୋମବାର)ରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ୟୁନିଟ୍-୫, ଭୁବନେଶ୍ୱର ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ । ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଜାନୁଆରୀ ୩୧ ତାରିଖ ଦିବା ୧୧ ଘଟିକା ଠାରୁ ଆରମ୍ଭ ହେବ ଏବଂ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିପାରିବେ । ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ । ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ । ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

# ଅତ୍ୟାଧୁନିକ ସୋଲାର୍ ଉତ୍ପାଦନ ପାଇଁ ଜୁପିଟର ଇଣ୍ଟରନ୍ୟାସନାଲ୍ ପକ୍ଷରୁ ରାଜ୍ୟ ସରକାରଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଫଟୋଭୋଲ୍‌ଟାଇକ୍ ସୋଲାର୍ ସେଲ୍‌ର ଅଗ୍ରଣୀ ନିର୍ମାତା ଜୁପିଟର ଇଣ୍ଟରନ୍ୟାସନାଲ୍ ପକ୍ଷରୁ ଓଡ଼ିଶାର ଖୋର୍ଦ୍ଧାରେ ଏକ ଫଟୋଭୋଲ୍‌ଟାଇକ୍ ସୋଲାର୍ ସେଲ୍ ଓ ମଡ୍ୟୁଲ୍ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବା ପାଇଁ ଓଡ଼ିଶା ସରକାରଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି ।

ଏହି ବୁଝାମଣା ଅନୁସାରେ ଜୁପିଟର ଇଂଟରନ୍ୟାସନାଲ୍ ପକ୍ଷରୁ ଏହାର ସହାୟକ ସଂସ୍ଥା ଜୁପିଟର ରିନ୍ୟୁଏବଲ୍‌ସ ଜରିଆରେ ୨୦୦୫ କୋଟି ଟଙ୍କା ନିବେଶ କରାଯିବ । ଏହି କାରଖାନାର ବାର୍ଷିକ ଉତ୍ପାଦନ କ୍ଷମତା ୪.୨ ଗିଗାୱାଟ୍‌ର ସୋଲାର୍ ସେଲ୍ ଓ ୩.୬ ଗିଗାୱାଟ୍‌ର ମଡ୍ୟୁଲ୍ ରହିବ ଯାହା ଭାରତରେ ସୋଲାର ଉତ୍ପାଦନ ବ୍ୟବସ୍ଥାକୁ ସୁଦୃଢ଼ କରିବ । ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା ୨୦୨୫ ପରିପ୍ରେକ୍ଷୀରେ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି । ସେଥିରେ ଜୁପିଟର ଇଂଟରନ୍ୟାସନାଲ୍ ଭାରତର ସୋଲାର ଉତ୍ପାଦନ କ୍ଷମତାରେ ଉନ୍ନତି ଆଣିବା ଓ ସ୍ୱଚ୍ଛ ଶକ୍ତି ବ୍ୟବସ୍ଥାକୁ ସୁଦୃଢ଼ କରିବା ସମ୍ପର୍କିତ ଆଲୋଚନାରେ ଅଂଶଗ୍ରହଣ କରିଥିଲା । ଓଡ଼ିଶା ଏକ ପ୍ରମୁଖ ଶିଳ୍ପ ଓ ନିବେଶ ହବ୍ ଭାବେ ଉଭା ହେଉଥିବା ବେଳେ ରାଜ୍ୟର ଅକ୍ଷୟ ଶକ୍ତି ଅଭିଳାଷ ଏବଂ ୨୦୩୦ ସୁଦ୍ଧା ୫୦୦ ଗିଗାୱାଟ୍‌ର ଅକ୍ଷୟ ଶକ୍ତି ପାଇଁ ରହିଥିବା ଜାତୀୟ ଲକ୍ଷ୍ୟ ସହ ଏହି ପ୍ରକଳ୍ପ ସମନ୍ୱିତ ରହିଛି । ପ୍ରକଳ୍ପ ସମ୍ପର୍କରେ ଜୁପିଟର ଇଂଟରନ୍ୟାସନାଲ୍‌ର ପରିଚାଳନା ନିର୍ଦ୍ଦେଶକ ଆଲୋକ ଗାରୋଡିଆ କହିଛନ୍ତି ଯେ, 'ଭାରତରେ ଏକ ସମ୍ପୂର୍ଣ୍ଣ ସମନ୍ୱିତ ସୌର ଉତ୍ପାଦନ ବ୍ୟବସ୍ଥା ଗଠନ କରିବା ଲାଗି ଆମର ରହିଥିବା ଲକ୍ଷ୍ୟରେ ଏହି ନିବେଶ ଏକ ପ୍ରମୁଖ ମାଇଲଖୁଣ୍ଟ । ଉନ୍ନତ ସୋଲାର ସେଲ୍ ଓ ମଡ୍ୟୁଲ ଉତ୍ପାଦନକୁ ସମନ୍ୱିତ କରି ଏହି ପ୍ରକଳ୍ପ ଏକ ସ୍ଥାୟୀ ଯୋଗାଣ ଶୃଙ୍ଖଳ ସୃଷ୍ଟି ଓ ସୁଦୃଢ଼ କରିବାରେ ସହାୟକ ହେବ ଯାହା ସ୍ୱଚ୍ଛ ଶକ୍ତି ରୂପାନ୍ତରଣକୁ ସମର୍ଥନ କରିବ ।'' ଆସନ୍ତା ତିନି ବର୍ଷରେ ୩ ଗିଗାୱାଟ ୱାଫର କ୍ଷମତା, ୯.୪ ଗିଗାୱାଟର ସୋଲାର ସେଲ୍ କ୍ଷମତା ଓ ୬ ଗିଗାୱାଟ୍‌ର ମଡ୍ୟୁଲ୍ ଉତ୍ପାଦନ କ୍ଷମତା ହାସଲ କରିବା ଲାଗି ଜୁପିଟର ଇଂଟରନ୍ୟାସନାଲ୍‌ର ରହିଥିବା ବୃହତର ଅଭିଯାନର ଏହା ହେଉଛି ଏକ ଅଂଶ । କମ୍ପାନି ଏକ ସମ୍ପୂର୍ଣ୍ଣ ସମନ୍ୱିତ ସୌର ଉତ୍ପାଦନ ବ୍ୟବସ୍ଥା ବିକାଶ କରିବା ସହ ଗୁଣାତ୍ମକ ମାନ, ସୁଲଭତା ଓ ଯୋଗାଣ ଶୃଙ୍ଖଳ ସ୍ଥାୟିତ୍ୱ ଉପରେ ନିୟନ୍ତ୍ରଣ ସୁନିଶ୍ଚିତ କରିବାକୁ ଚାହୁଁଛି । ଆମଦାନୀ କମ୍ କରିବା, ନିଯୁକ୍ତି ସୃଷ୍ଟି ଏବଂ ଅକ୍ଷୟ ଶକ୍ତିରେ ବିଶ୍ୱର ଅଗ୍ରଣୀ ଭାବେ ଭାରତକୁ ଉପସ୍ଥାପିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ଲାଗି କମ୍ପାନି ଉପଯୁକ୍ତ ସ୍ଥିତିରେ ରହିଛି ।

## ଖୁବ ଶୀଘ୍ର କୁଷ୍ଠ ରୋଗୀଙ୍କ ସଂସ୍ପର୍ଶରେ ଆସୁଥିବା ଲୋକଙ୍କୁ ମାଗଣା ଟିକା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ସ୍ୱାସ୍ଥ୍ୟ କ୍ଷେତ୍ରରେ ବଡ଼ ଘୋଷଣା । ଖୁବ ଶୀଘ୍ର କୁଷ୍ଠ ରୋଗୀଙ୍କ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିମାନଙ୍କୁ ଦିଆଯିବ ମାଗଣା ଟୀକା । ଏ ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗ ସହ ଆଲୋଚନା ହୋଇଛି । ଆଇସିଏମଆର ରହିବ ଏହାର ନୋଡାଲ ଏଜେନ୍ସି । ଏ ଦିଗରେ ଆଇସିଏମଆର ନିର୍ଦ୍ଦେଶକଙ୍କ ସହ ଆଲୋଚନା ହୋଇଥିବା କହିଲେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ।

MM-445

OFFICE OF THE DIVISIONAL FOREST OFFICER-CUM-WILDLIFE WARDEN, KORAPUT FOREST DIVISION,KORAPUT
ଖଣ୍ଡୀୟ ବନାଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ,କୋରାପୁଟ
ଦୂରଭାଷ ନଂ. ୦୬୮୫୨– ୨୫୧୭୬୦, ଇମେଲ ID- dfokoraput@odisha.gov.in

QUOTATION CALL NOTICE.

The Divisional Forest Officer, Koraput Forest Division (Purchaser) invites sealed quotations from the intending suppliers/manufacturers for supply of the following uniform articles. The quotations should reach the undersigned on or before 13.02.2025. The quotations will be opened on 17.02.2025 at 11.00 A.M. by the purchase committee in presence of the biders. The Authority reserves the right to accept or reject the quotations without assigning any reason thereof. The quotations should be accompanied by copy of (1) Valid PAN Card (2) GST Certificate. Sample of each item should be attached with the sealed quotation and should be produced before opening of the tender. The purchaser may be required to supply in full or part thereof as per availability of funds with this office.

| Name of the Uniform Articles. | Approximate requirement. |
|---|---|
| 1.Khaki Cloths (Raymond Trovin) | 318 mtr. |
| 2.Rain Coat | 65 Nos. |
| 3.Blanket | 06 Nos. |
| 4.Mosquito Net | 01 No. |
| 5.Shoulder Star | 70 Nos. |
| 6.Leather Belt | 35 Nos. |
| 7.Cap with monogram | 35 Nos. |
| 8.Whistle Cord | 35 Nos. |
| 9.Whistle | 35 Nos. |
| 10.Shoulder Flaps | 70 Nos. |

Divisional Forest Officer,
Koraput Forest Division.
OIPR-08067/11/0005/2425

ଭୁବନେଶ୍ୱର
୩୧ ଜାନୁଆରୀ
ଶୁକ୍ରବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

## ରସିକେଷୁ...



ସେଦିନ ସନ୍ଧ୍ୟାରେ ଘରୁ ଗୋଡ କାଢ଼ିବା ବେଳେ ତରୁଣୀ କନ୍ୟାକୁ ମା' ଆକଟ କଲେ। କିଲୋ, ମୁହଁ ସଞ୍ଜଟାରେ କୁଆଡେ ବାହାରିଛୁ ? କନ୍ୟାର ରୋକ୍‌ଠୋକ୍ ଉତ୍ତର- ଅଶ୍ୱିନୀ ଭାଇଙ୍କ ଘରକୁ ଯାଉଛି।

ମା' ରାଗରେ ଫାଟି ପଡିଲା- ତୋର ଆଉ କେବେ ବୁଦ୍ଧିଶୁଦ୍ଧି ହେବ ? ବୟସ ଆସି କେତେ ହେଲାଣି ? ପିଲାବେଳେ ଯା' ତା' ସଙ୍ଗେ ଖେଳୁଥିଲୁ ବୁଲୁଥିଲୁ ଠିକ୍ ଥିଲା। ଏବେ ଆଉ ସେଦିନ ଅଛି ? ମୁଁ କହିଦେଉଛି, ନିଜକୁ ସମ୍ଭାଳ, ନହେଲେ ସେ ଟୋକା ନିଶ୍ଚେ ତୋତେ ବିପଦରେ ପକାଇବ।

ମା'ଙ୍କର ଏ ଦୀର୍ଘ ଭାଷଣ ଶୁଣିବା ପରେ କନ୍ୟା ଟିକେ ବି ବିଚଳିତ ନହୋଇ ବରଂ ଦୃଢ଼ ସ୍ୱରରେ ଅଶ୍ୱିନୀ ଭାଇ ସପକ୍ଷରେ ଯୁକ୍ତି ବାଢ଼ିଲା- ବୋଉ, କ'ଣଟା ବିପଦରେ ପକେଇବ ସେ ? ବରଂ ତାଙ୍କ ସଙ୍ଗେ ମିଶିବା ପରଠାରୁ ମୋର ଉପକାର ହୋଇଛି।

ମା' ଗର୍ଜିଉଠିଲେ -କି ଉପକାର ହୋଇଛି ?

-ଆଗରୁ ପ୍ରତିମାସରେ ମୋ ଦେହ ଖରାପ ହେଉଥିଲା। କିନ୍ତୁ ଯେଉଁଦିନଠାରୁ ଅଶ୍ୱିନୀ ଭାଇ ସହ ମିଳାମିଶା ଆରମ୍ଭ କଲି ସେ ଦିନଠାରୁ ଏ ସମସ୍ୟା ମୋର ଆଉ ନାହିଁ। ତୁ ତାଙ୍କୁ ଅଯଥା ଖରାପ ଭାବୁଛୁ। କିନ୍ତୁ ସେ ମୋର କେତେ ଉପକାର କରିଛନ୍ତି ତୁ ଜାଣିନୁ।

# ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡ଼ାଣକାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

**ପୁରୀ, ୩୦/୧ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡ଼ିବା ଘଟଣାକୁ ନେଇ ପୁଲିସ ପକ୍ଷରୁ ସିଂହଦ୍ୱାର ଥାନାରେ ଲିଖିତ ଅଭିଯୋଗ ପରେ ମାମଲା ରୁଜୁ କରାଯାଇଛି। ପୁଲିସ ଘଟଣାକୁ ଗୁରୁତର ଭାବେ ଗ୍ରହଣ କରିଛି। ତଦନ୍ତ ପରେ ଡ୍ରୋନ୍ ଉଡ଼ାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ୍ ଏହି ସୂଚନା ଦେଇଛନ୍ତି। ଶ୍ରୀମନ୍ଦିରର ୧୦୦ ମିଟର ପରିଧି ଅଞ୍ଚଳ ନିଷିଦ୍ଧାଞ୍ଚଳଭାବେ ଡିଜିସିଏ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ଏହି ଅଞ୍ଚଳରେ ଡ୍ରୋନ ଆଦି ଉଡ଼ାଇବା ସମ୍ପୂର୍ଣ୍ଣ ବେଆଇନ ବୋଲି ସେ କହିଛନ୍ତି। ସାମାଜିକ ଗଣମାଧ୍ୟମରେ ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଯୁବବର୍ଗ ଡ୍ରୋନ୍ ଉଡ଼ାଇ ଶ୍ରୀମନ୍ଦିରର ଭିତର ପାର୍ଶ୍ୱ ଭିଡିଓ ଓ ଚିତ୍ର ଉତ୍ତୋଳନ କରୁଛନ୍ତି। ଏହା ସମ୍ପୂର୍ଣ୍ଣ ବେଆଇନ। କିଛି ସାମାଜିକ ଗଣମାଧ୍ୟମ ଆକାଉଣ୍ଟକୁ ଚିହ୍ନଟ କରାଯାଇଛି। ସେମାନଙ୍କ ବିରୋଧରେ ଆଗାମୀ ଦିନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି।



## ଫେବୃୟାରୀ ୨ରେ ସରସ୍ୱତୀ ପୂଜା : ଶ୍ରୀମନ୍ଦିର ପ୍ରଶାସନ

**ଭୁବନେଶ୍ୱର, ୩୦/୧ ନ୍ୟୁଜ ବ୍ୟୁରୋ**

ସବୁ ଦ୍ୱନ୍ଦ୍ୱ ହେଲା ଦୂର ହୋଇଛି। ଫେବୃୟାରୀ ୩ ନୁହେଁ ବରଂ ୨ ତାରିଖରେ ପାଳନ ହେବ ସରସ୍ୱତୀ ପୂଜା। ସରସ୍ୱତୀ ପୂଜା ତାରିଖ ଦ୍ୱନ୍ଦ୍ୱ ଗୁରୁବାର ଦୂର କରିଛନ୍ତି ଶ୍ରୀମନ୍ଦିର ପ୍ରଶାସନ । ଫେବୃୟାରୀ ୨ ତାରିଖରେ ହିଁ ପାଳନ ହେବ ସରସ୍ୱତୀ ପୂଜା। ଶ୍ରୀମନ୍ଦିର ନୀତି ପ୍ରଶାସକ ଏହି ସୂଚନା ଦେଇଛନ୍ତି। ବିଧି ଅନୁସାରେ ସେହି ଦିନ ରଥ କାଠ ଅନୁକୂଳ କରାଯିବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ନାଟ ମଣ୍ଡପରେ ଧାଡ଼ି ଦର୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ପୂର୍ବରୁ ନାଟ ମଣ୍ଡପରେ ଥିବା ହୁଣ୍ଡିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବ। ଏନେଇ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ପରେ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ। ତେଣୁ ଶ୍ରୀମନ୍ଦିର ଧାଡ଼ି ଦର୍ଶନ ବ୍ୟବସ୍ଥା ପାଇଁ କିଛି ଦିନ ଅପେକ୍ଷା କରିବାକୁ ପଡ଼ିବ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଆସିବା ପରେ ନୂତନ ଧାଡ଼ି ଦର୍ଶନ ବ୍ୟବସ୍ଥା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି।

# ବାରବାଟୀ ଷ୍ଟାଡିୟମ ଅଗ୍ନି ନିରାପତ୍ତା ମାମଲା : ଶୁଣାଣିର ଅନ୍ତ ଘଟାଇଲେ ହାଇକୋର୍ଟ

**କଟକ, ୩୦/୦୧ ନ୍ୟୁଜ ବ୍ୟୁରୋ**



ବାରବାଟୀ ଷ୍ଟାଡିୟମରେ ଅଗ୍ନି ନିରାପତ୍ତା ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି ଶେଷ ହୋଇଛି। ଏହି ମାମଲାର ଅନ୍ତ ଘଟାଇଛନ୍ତି ଓଡ଼ିଶା ହାଇକୋର୍ଟ । ରାଜ୍ୟ ସରକାରଙ୍କ ପକ୍ଷରୁ ସୁରକ୍ଷିତ ମ୍ୟାଚ୍ ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଥିବା ନେଇ ପକ୍ଷ ରଖାଯାଇଥିଲା । ମ୍ୟାଚ ପୂର୍ବରୁ ସମ୍ପୂର୍ଣ୍ଣ ଷ୍ଟାଡିୟମରେ ଅଗ୍ନି ନିରାପତ୍ତା ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଉଛି ବୋଲି ସରକାରୀ ଓକିଲ କୋର୍ଟଙ୍କୁ ଅବଗତ କରିଥିଲେ। ମ୍ୟାଚ ସମୟରେ ଯେପରି କୌଣସି ଧନଜୀବନ ହାନୀ ନହୁଏ ସେନେଇ ସରକାରୀ ଓକିଲ ପ୍ରତିଶ୍ରୁତି ଦେଲା ପରେ ହାଇକୋର୍ଟ ମାମଲାର ଶୁଣାଣି କରି ଅନ୍ତ ଘଟାଇଛନ୍ତି। ସୂଚନା ଅନୁଯାୟୀ, ଗତ ଅକ୍ଟୋବର ପହିଲା ସୁଦ୍ଧା ବାରବାଟୀ ଷ୍ଟାଡିୟମରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିବା ନେଇ ସୂଚନା ଅଧିକାର ଆଇନରେ ତଥ୍ୟ ହାସଲ ହୋଇଥିଲା। ଏହି ତଥ୍ୟ ଆଧାରରେ କଟକର ଜଣେ ସ୍ୱେଚ୍ଛାସେବୀ ତୋଫାନ ଦାସ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ। ପ୍ରାୟ ୫୦ ହଜାର ଦର୍ଶକ ଏକାଠି ହେଉଥିବାରୁ ଦୁର୍ଘଟଣା ଏଡାଇବା ପାଇଁ ଆବଶ୍ୟକୀୟ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବାକୁ ସେ ଆବେଦନରେ ଉଲ୍ଲେଖ କରିଥିଲେ। ବାରବାଟୀ ଷ୍ଟାଡିୟମ ରାଜ୍ୟର ସର୍ବବୃହତ୍ ଷ୍ଟାଡିୟମ। ମାତ୍ର ଅଗ୍ନି ନିରାପତ୍ତା ପ୍ରମାଣପତ୍ର ପାଇଁ ଅଗ୍ନିଶମ ସେବା ସଂସ୍ଥା ପକ୍ଷରୁ ଓଡ଼ିଶା କ୍ରିକେଟ୍ ଆସୋସିଏସନକୁ ବାରମ୍ବାର ଚିଠି କରାଯାଇଥିଲେ ମଧ୍ୟ ଏ ବାବଦରେ ଓସିଏ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହୋଇଥିଲା । ଏଭଳି ସ୍ଥିତିରେ ଧନଜୀବନର ସୁରକ୍ଷା ଦୃଷ୍ଟିରୁ ସାମାଜିକ କର୍ମୀ ତୋଫାନ ଦାସ ବାରବାଟୀ ଅଗ୍ନି ନିରାପତ୍ତା ପ୍ରସଙ୍ଗକୁ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଆବେଦନକାରୀ ଆବେଦନରେ ଦର୍ଶାଇଥିଲେ, 'ଷ୍ଟାଡିୟମ ପରିସରରେ ବିବାହ ମଣ୍ଡପଠାରୁ ଆରମ୍ଭ କରି ସ୍କୁଲ ଓ ସରକାରୀ ଅନୁଷ୍ଠାନ ସମେତ ବିଭିନ୍ନ କ୍ରୀଡ଼ା ସଂଗଠନ କାର୍ଯ୍ୟାଳୟ ଚାଲିଛି । ହେଲେ ଅଗ୍ନିକାଣ୍ଡ ଜନିତ ଦୁର୍ଘଟଣା ରୋକିବା ଲାଗି ଏଠାରେ ଆବଶ୍ୟକ ସ୍ଥାୟୀ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ। ଦୀର୍ଘ ୨୪ ବର୍ଷ ହେଲା ରାଜ୍ୟର ବୃହତ୍ ଷ୍ଟାଡିୟମରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିବା ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ କହୁଛି। ବିନା ଅଗ୍ନି ନିରାପତ୍ତା ପ୍ରମାଣପତ୍ରରେ ଷ୍ଟାଡିୟମ୍‌ରେ ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍ ସମେତ ଅନ୍ୟାନ୍ୟ ସାଂସ୍କୃତିକ ସମାବେଶ ଆଦି ଚାଲିଛି। ତେବେ ଅଗ୍ନି ନିରାପତ୍ତା ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଉଛି ବୋଲି ସରକାରୀ ଓକିଲ କୋର୍ଟଙ୍କୁ ଅବଗତ କରିବା ପରେ ଏହି ମାମଲାର ଶୁଣାଣି କରି ଅନ୍ତ ଘଟାଇଛନ୍ତି ଉଚ୍ଚ ନ୍ୟାୟାଳୟ ।



ଭୁବନେଶ୍ୱର : ରାଜ୍ୟସ୍ତରୀୟ ଶହୀଦ ଦିବସ ପାଳନ ଅବସରରେ ବିଧାନସଭା ପରିସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି । ଏହି ଅବସରରେ ରାଜ୍ୟପାଳ ଡଃ ହରି ବାବୁ କମ୍ଭମ୍‌ପାଟି, ବାଚସ୍ପତି ଶ୍ରୀମତୀ ସୁରମା ପାଢୀ, ଦୁଇ ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀମଣ୍ଡଳର ସଦସ୍ୟ ଏବଂ ବିଧାୟକମାନେ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । (ଫଟୋ : ସମ୍ବାଦ କଳିକା)



ଭୁବନେଶ୍ୱର : ରାଜଭବନ ପରିସରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ନିପନ ଫାଉଣ୍ଡେସନର ଅଧ୍ୟକ୍ଷ ତଥା ଲେପର୍ସି ନିରାକରଣ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆମ୍ବାସାଡାର ୟୋହେଇ ସସକାୱା। (ଫଟୋ : ସମ୍ବାଦ କଳିକା)

# ନନ୍ଦନକାନନରେ ନୂଆ ଅତିଥି : ପ୍ରାଣୀ ଉଦ୍ୟାନରେ ସିମ୍ପାଞ୍ଜିଙ୍କ ସଂଖ୍ୟା ୮କୁ ବୃଦ୍ଧି

**ବାରଙ୍ଗ, ୩୦/୧ ନ୍ୟୁଜ ବ୍ୟୁରୋ**

ରାଜଧାନୀ ଭୁବନେଶ୍ୱରର ଉପକଣ୍ଠରେ ଥିବା ପର୍ଯ୍ୟଟକମାନଙ୍କ ପାଇଁ ଆକର୍ଷଣୀୟ ପର୍ଯ୍ୟଟନ କେନ୍ଦ୍ର 'ନନ୍ଦନକାନନ ପ୍ରାଣୀ ଉଦ୍ୟାନ'କୁ ଗୁରୁବାର ଏକ ନୂଆ ଅତିଥି ଆସିଛି। ପର୍ଯ୍ୟଟକମାନଙ୍କୁ ଖୁସି ବାଣ୍ଟୁଥିବା ପ୍ରାଣୀ ଉଦ୍ୟାନର ୭ବର୍ଷ ୪ମାସର ସିମ୍ପାଞ୍ଜି 'ଦୁର୍ଗା' ଏକ ସନ୍ତାନ ଜନ୍ମ କରିଛି। ଅଣ୍ଡିରା ସିମ୍ପାଞ୍ଜି 'ଜୁଲୁ' ସହିତ ମିଳନରୁ ୨୩୮ଦିନର ଗର୍ଭଧାରଣ କରିବା ପରେ ଦୁର୍ଗା ମାତୃତ୍ୱ ଲାଭ କରିଛି। ଦୁର୍ଗା ଓ ତା'ର ସନ୍ତାନକୁ ଏବେ ସ୍ୱତନ୍ତ୍ର ଖୁଆଡ଼ରେ ରଖାଯାଇଛି। ମା-ଶିଶୁଙ୍କ ଉପରେ ସ୍ୱତନ୍ତ୍ର ନଜର ରଖାଯାଇଛି। ନବଜାତକ ସହିତ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ସିମ୍ପାଞ୍ଜିଙ୍କ ସଂଖ୍ୟା ୮କୁ ବୃଦ୍ଧି ପାଇଛି। ସବୁଠାରୁ ବଡ଼ କଥା ହେଲା ଜୁଲୁର ମୃତ୍ୟୁ ପୂର୍ବରୁ ସେ ନିଜର ସ୍ମୃତି ଛାଡ଼ି ଯାଇଛି। ସୂଚନାଯୋଗ୍ୟ, ନନ୍ଦନକାନନ ପ୍ରାଣୀ ଉଦ୍ୟାନର ପ୍ରତିଷ୍ଠା ଦିବସ ଅବସରରେ ୧୩ ବର୍ଷ ବୟସ୍କା ସିମ୍ପାଞ୍ଜି 'ରାକ୍ଷୀ' ପ୍ରାଣୀ ଉଦ୍ୟାନକୁ ଏକ ଅଣ୍ଡିରା ଶାବକ (ଅନୁମାନ କରାଯାଇଛି) ଭେଟିଦେଇଥିଲା। ଖୁଆଡ଼ ନମ୍ବର



୬୦(କ)ରେ ରହୁଥିବା ରାକ୍ଷୀ ଗତ ୨୯ ତାରିଖ ଦିନ ତା'ର ନବଜାତ ଶାବକକୁ ସ୍ତନ୍ୟପାନ କରାଉଥିବା ଦେଖିବାକୁ ମିଳିଥିଲା। ଭୋର ସମୟରେ ସେ ଶାବକ ଜନ୍ମ ଦେଇଥିବା ଜଣାପଡ଼ିଥିଲା। ପ୍ରାଣୀ ଉଦ୍ୟାନର ବୟସ୍କ ସିମ୍ପାଞ୍ଜି ଜୁଲୁ (୩୫) ଓ ପୂର୍ଣ୍ଣିମାଙ୍କ ମିଳନରୁ ୨୦୧୧ ମସିହା ଅଗଷ୍ଟରେ ରାକ୍ଷୀ ଜନ୍ମ ନେଇଥିଲା। ରାକ୍ଷୀ ପ୍ରାପ୍ତବୟସ୍କା ହେବା ପରେ ଜୁଲୁ ସହ ମିଶିଥିଲା ଏବଂ ତା'ର ପ୍ରଥମ ଗର୍ଭରୁ ଜନ୍ମ ନେଇଥିବା ମାଈ ଛୁଆ କୁଇନ୍ ବେଶି ଦିନ ବଞ୍ଚିପାରି ନଥିଲା। ଏବେ ପୁଣି ରାକ୍ଷୀ ଓ ଜୁଲୁର ମିଳନରୁ ଆଉ ଏକ ଶାବକ ଜନ୍ମ ନେଇଛି। ଏହି ଛୁଆଟି ଅଣ୍ଡିରା ଶାବକ ହୋଇଥିବାରୁ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପାଇଁ ଖୁସି ଖବର ପାଲଟିଛି। ସିମ୍ପାଞ୍ଜି ବଂଶବୃଦ୍ଧି ପାଇଁ ଏହି ପ୍ରାଣୀ ଉଦ୍ୟାନକୁ ଅଧିକ ସଂଖ୍ୟକ ଅଣ୍ଡିରା ଶାବକ ଆବଶ୍ୟକ। ୧୯୯୪ ମସିହାରେ ସିଙ୍ଗାପୁରରୁ ଆସିଥିବା ଜୁଲୁ ଏବେ ବି ଏଠାରେ ବଂଶ ବୃଦ୍ଧି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି। ନନ୍ଦନକାନନରେ ଗତ ୩୦ ତାରିଖ ଦିନ ଏକ ଦୁଃଖଦ ଘଟଣା ଘଟିଥିଲା। ସିମ୍ପାଞ୍ଜି ବଂଶର ଶ୍ରଷ୍ଟା 'ଜୁଲୁ'ର ବାର୍ଦ୍ଧକ୍ୟରେ ପୀଡିତ ହୋଇ ମୃତ୍ୟୁ ହୋଇଥିଲା। 'ଜୁଲୁ' ଚିକିତ୍ସାଧିନ ଅବସ୍ଥାରେ ଥିଲା। 'ଜୁଲୁ' ପରିବାରର ମୁଖିଆ ଥିଲା। ପମ୍ପୋ ସହ ମିଳନରୁ 'ଜୁଲୁ'ର ବଂଶ ବିସ୍ତାର ହୋଇଥିଲା। ନନ୍ଦନକାନନରେ ଜନ୍ମିତ ସମସ୍ତ ୧୪ ଶାବକ 'ଜୁଲୁ' ସହ ମିଳନରୁ ଜନ୍ମ ନେଇଛନ୍ତି।

# ଭିଜିଲାନ୍ସ ଜାଲରେ ଆଇଟିଡିଏ ଅଧିକାରୀ

**ଭୁବନେଶ୍ୱର ୩୦।୦୧ ନ୍ୟୁଜ ବ୍ୟୁରୋ**

ଭିଜିଲାନ୍ସ ଜାଲରେ ଆଇଟିଡିଏ ଅଧିକାରୀ । ସୁନ୍ଦରଗଡ଼ ଜିଲ୍ଲା ବଣାଇ ପ୍ରକଳ୍ପ ଅଧିକାରୀ ବିଶ୍ୱଦର୍ଶୀ ସାହୁଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ରେଡ୍ କରାଯାଇଛି । ଏକାସାଙ୍ଗେ ବିଭିନ୍ନ ସ୍ଥାନରେ ଚାଲିଛି ଚଢଉ । ସୂଚନା ଅନୁଯାୟୀ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗୁରୁବାର ଦିନ ସକାଳୁ ସକାଳୁ ଭିଜିଲାନ୍ସ ପକ୍ଷରୁ ବଣାଇ ଆଇଟିଡିଏ ପ୍ରକଳ୍ପ ଅଧିକାରୀ ବିଶ୍ୱଦର୍ଶୀ ସାହୁଙ୍କ ଘରେ ରେଡ୍ ହୋଇଛି । ଏକାସାଙ୍ଗେ ୭ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚାଲିଛି ଚଢଉ । ତେବେ ଚଢଉ ହେଉଥିବା ସ୍ଥାନ ମଧ୍ୟରେ ଭୁବନେଶ୍ୱର, ବାଲେଶ୍ୱର, ଯାଜପୁର, ବଣାଇ ଆଦି ରହିଛି । ଏହି ଚଢଉରେ ଅତିରିକ୍ତ ଏସ୍‌ପି, ତିନି ଡିଏସ୍‌ପି, ୧୦ ଇନ୍‌ସପେକ୍ଟର ସାମିଲ ରହିଛନ୍ତି । ତେବେ ବର୍ତ୍ତମାନ ଯାଏଁ କେତେ ପରିମାଣର ସମ୍ପତ୍ତି ଜବତ ହୋଇଛି ସେନେଇ କୌଣସି ତଥ୍ୟ ମିଳିନାହିଁ । ଚଢଉ ଶେଷ ପରେ ଭିଜିଲାନ୍ସ ପକ୍ଷରୁ ରେଡ୍ ନେଇ ସବିଶେଷ ତଥ୍ୟ ଦିଆଯିବ ବୋଲି ସୂଚନା ମିଳିଛି ।

## ଟାର୍ଗେଟରେ ୨୦୩୬ ବିକଶିତ ଓଡ଼ିଶା ଟାଉନ ପ୍ଲାନିଂ ସ୍କିମ୍‌ରେ ହେବ ପରିବର୍ତ୍ତନ

**ଭୁବନେଶ୍ୱର ୩୦/୧ ନ୍ୟୁଜ ବ୍ୟୁରୋ**

ଓଡ଼ିଶାରେ ପୁରୁଣା ସହରର ହେବ ନବକଳେବର । ତିଆରି ହେବ ନୂଆ ସହର। ଟାଉନ ପ୍ଲାନିଂ ସ୍କିମ୍‌ରେ ହେବ ପରିବର୍ତ୍ତନ । ଓଡ଼ିଶାରେ ୧୭ ପ୍ରତିଶତ ଟାଉନସିପ୍ ଥିବାବେଳେ ଏହା ୩୦ ପ୍ରତିଶତକୁ ସଂପ୍ରସାରିତ କରାଯିବ। ଟାର୍ଗେଟରେ ୨୦୩୬ର ବିକଶିତ ଓଡ଼ିଶା। ସେଥିପାଇଁ ସହରର ବିକାଶ ଉପରେ ଗୁରୁତ୍ୱ ଦିଆଯାଉଥିବା କହିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ସବୁ ଡେଭଲପମେଣ୍ଟ ଅଧିକାରୀଙ୍କ ସହ ଆଲୋଚନା ହୋଇଛି। କିଛି ଏଜେଣ୍ଡା ଅନୁସାରେ ଟାଉନସିପ୍ ବଢ଼ିଲେ ସହରର ବିକାଶ ସହ ଓଡ଼ିଶାର ବିକାଶ ହେବ। ଟାଉନ ପ୍ଲାନିଂ ସ୍କିମ୍‌ରେ ନୂଆ ସହର ଓ ରିଂରୋଡ୍ ହେବ। ଯେଉଁଠି ଟାଉନ ପ୍ଲାନର ଅଭାବ ରହିଛି ପୂରଣ ହେବ। କେନ୍ଦ୍ର ଓ ରାଜ୍ୟ ସରକାର ମିଶି ବିଭିନ୍ନ ଯୋଜନା କରୁଛନ୍ତି। ଯେଉଁ ଅଞ୍ଚଳରେ ପୁରୁଣା ସହର, ଘର ବା ଜାଗା ରହିଛି ହେଲେ ଲୋକେ ରାସ୍ତା କଥା ଭାବି ଘର କରିପାରୁନାହାନ୍ତି। ସେହି ସମସ୍ୟାର ସମାଧାନ ପାଇଁ ନୂଆ ଆଇନ ଆସିବାକୁ ଯାଉଛି। ଏହା ଦ୍ୱାରା ସହରୀକରଣ ସରଳ ହେବ। ପୁରୁଣା ସିଟିଗୁଡିକରେ ଲୋକେ ଘର କରିପାରିବେ। ଟ୍ରାଇ ସିଟି ଡେଭଲପମେଣ୍ଟ ଅଧିକାରୀଙ୍କ ସହ ଆଲୋଚନା ହୋଇଛି। ଏହା ସହ ବ୍ରହ୍ମପୁର ସମେତ ବିଭିନ୍ନ ସହରର ବିକାଶ ପାଇଁ ସ୍ୱେରେଜ୍ ଓ ଡ୍ରେନେଜ୍ ପାଇଁ ଆଲୋଚନା ହୋଇଛି।

## ସାବାଡ୍ ହେବେ ଏଟିଏମ୍ ଲୁଟେରା : ରାତିରେ ବୁଲିଲା ପାଟ୍ରୋଲିଂ ଗାଡ଼ି

**ଭୁବନେଶ୍ୱର ୩୦।୦୧ ନ୍ୟୁଜ ବ୍ୟୁରୋ**

ପ୍ରଥମେ ପାଟ୍ରୋଲିଂ, ପରେ କନଭୟ ପାଟ୍ରୋଲିଂ, ଆଉ ଏବେ ଏଟିଏମ୍ ପାଟ୍ରୋଲିଂ। ଅପରାଧୀଙ୍କୁ ସାବାଡ୍ କରିବାକୁ କମିଶନରେଟ୍ ପୋଲିସର ମାଷ୍ଟର ପ୍ଲାନ୍। ରାଜଧାନୀରେ ବୁଲିଲା ଏଟିଏମ୍ ପାଟ୍ରୋଲିଂ ଭେଇକିଲ୍।

# ବାଲୁଖଣ୍ଡରେ କୃଷ୍ଣସାର ମୃଗ ବଂଶ ବୃଦ୍ଧି ମିଶନ ଫେଲ୍ ଆଶଙ୍କା : ୨ ମାସରେ ମଲେଣି ୯ ମୃଗ

**ରାମଚଣ୍ଡୀ/କୋଣାର୍କ,୩୦/୦୧ ନ୍ୟୁଜ ବ୍ୟୁରୋ**

ପୁରୀ ବନଖଣ୍ଡ ଦ୍ୱାରା ବିରଳ କୃଷ୍ଣସାର ମୃଗଙ୍କ ବଂଶ ବୃଦ୍ଧି ପାଇଁ ବନ ବିଭାଗ ପକ୍ଷରୁ କୋଟିକୋଟି ଟଙ୍କା ବ୍ୟୟରେ କୋଣାର୍କ ବନଖଣ୍ଡ ଅଧୀନ ଅଭୟାରଣ୍ୟ ମଧ୍ୟରେ ୨ ଗୋଟି ସ୍ୱତନ୍ତ୍ର ଏନ୍‌କ୍ଲୋଜର ନିର୍ମାଣ କରାଯାଇଛି। ବିଭିନ୍ନ ସ୍ଥାନରୁ ଆସିଥିବା ସମୁଦାୟ ୨୮ଟି କୃଷ୍ଣସାର ମୃଗଙ୍କୁ ଏହି ଏନକ୍ଲୋଜରରେ କିଛି ଦିନ ରଖିବା ପରେ ଅଭୟାରଣ୍ୟରେ ସ୍ୱାଧୀନ ଭାବେ ବଂଶ ବୃଦ୍ଧି ପାଇ ଛଡ଼ାଯାଇଥିଲା। ସେମାନଙ୍କ ମଧ୍ୟରୁ ୪ ଗୋଟି ଛୁଆ ଜନ୍ମ ଦେଇଥିଲେ। ମାତ୍ର ବନବିଭାଗ ବିଭିନ୍ନ ଉପାୟ ଅବଲମ୍ବନ କରିବା ସତ୍ତ୍ୱେ କୃଷ୍ଣସାର ମୃଗ କୋଣାର୍କ ଅଭୟାରଣ୍ୟ ପରିବେଶରେ ନିଜକୁ ଖାପ ଖୁଆଇ ପାରୁନାହାନ୍ତି। ଫଳରେ ଗତ ନଭେମ୍ବର ଓ ଡିସେମ୍ବର ମାସରେ ପର୍ଯ୍ୟାୟକ୍ରମେ ୭ଟି ବଡ଼ ଓ ୨ଟି ଶାବକ ମରିଗଲେଣି। ମୃତ କୃଷ୍ଣସାର ମୃଗଗୁଡିକର ମୃତଦେହକୁ ବନବିଭାଗ ପକ୍ଷରୁ କୋଣାର୍କ ପଶୁ ଡାକ୍ତର ଶୁଭସ୍ମିତା ଗଡନାୟକଙ୍କ ଦ୍ୱାରା ବ୍ୟବଚ୍ଛେଦ କରାଯାଇଛି । ଏନେଇ କୋଣାର୍କ ବନଖଣ୍ଡ ଅଧିକାରୀ ସୁଦର୍ଶନ ଦେଉରୀଙ୍କୁ ପଚାରିବାରେ ସେ ଏକଥାକୁ ସ୍ୱୀକାର କରିଛନ୍ତି । କୃଷ୍ଣସାର ମୃଗଙ୍କ ମୃତ୍ୟୁର କାରଣଖୋଜି ବାହାର କରିବା ପାଇଁ ଚେଷ୍ଟା ଚାଲିଛି। ଏଥିପାଇଁ ଭୁବନେଶ୍ୱର ଓୟୁଏଟିକୁ ତର୍ଜମା କରି ରିପୋର୍ଟ ଦେବା ପାଇଁ ସମସ୍ତ ରିପୋର୍ଟ ସହ ମୃତଶରୀର ବିଭିନ୍ନ ଅଂଶ ନମୁନା ପଠାଯାଇଛି। ସେଠାରୁ ଏପର୍ଯ୍ୟନ୍ତ କୌଣସି ରିପୋର୍ଟ ଆସିନଥିବା ସେ ପ୍ରକାଶ କରିଛନ୍ତି। ବିଶେଷ ଭାବେ ବନବିଭାଗର ପ୍ରଶିକ୍ଷିତ କର୍ମଚାରୀଙ୍କ ଅଭାବ ଓ ପରିଚାଳନାଗତ ତ୍ରୁଟିକୁ ନେଇ ଏହି ବିରଳ କୃଷ୍ଣସାର ମୃଗ ଗୁଡିକ ନିମୋନିଆ ପରି ରୋଗରେ ଆକ୍ରାନ୍ତ ହୋଇ ମରିଯାଇଥିବା ଚାଞ୍ଚଲ୍ୟକର ସୂଚନା ମିଳିଛି। ଦୀର୍ଘ ଦିନ ହେବ ଅଭୟାରଣ୍ୟରେ ଏହି



ବିରଳ କୃଷ୍ଣସାର ମୃଗଗୁଡିକ ନିଜର ବଂଶ ବୃଦ୍ଧି କରିବା ପୂର୍ବରୁ ଆଖି ବୁଜିଦେଇଥିବା ଦୁଃଖଦ ଖବର ମିଳିଛି। ବନବିଭାଗ ଉଚ୍ଚ ଅଧିକାରୀମାନେ ଏହି ଖବରକୁ ଲୁଚାଇ ରଖିଥିବା ଘଟଣାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କୋଟି କୋଟି ଟଙ୍କା ଖର୍ଚ୍ଚ ପରେ ବି କୃଷ୍ଣସାର ମୃଗଙ୍କ ବଂଶ ବୃଦ୍ଧି ଯୋଜନା ଫେଲ୍ ହେବାକୁ ବସିଛି। ଏନେଇ ପୁରୀ ଜିଲ୍ଲା ବନଖଣ୍ଡ ଅଧିକାରୀ ବିବେକ କୁମାରଙ୍କୁ ପଚାରିବାରେ ସେ କୁହନ୍ତି ବିଭିନ୍ନ କାରଣକୁ ନେଇ ଏହି ମୃତ୍ୟୁ ଘଟିଛି। ଏଥିରେ କୌଣସି ପରିବେଶର କୁ-ପ୍ରଭାବ ପଡ଼ିନାହିଁ। ତଦନ୍ତ ଚାଲିଛି ରିପୋର୍ଟ ଆସିଲେ ସମସ୍ତ ତଥ୍ୟ ଜଣାପଡ଼ିବ ବୋଲି ସେ କହିଛନ୍ତି। ରିପୋର୍ଟ ଆଧାରରେ ପଦକ୍ଷେପ ନିଆଯିବ। ସୂଚନାଥାଉକି ବନବିଭାଗ ଦ୍ୱାରା ଗତ ୨୦୨୪ ଜୁନ ୧୮ ତାରିଖରେ କୃଷ୍ଣସାର ମୃଗଙ୍କ ବଂଶ ବୃଦ୍ଧି ପାଇଁ ପରୀକ୍ଷାମୂଳକ ଭାବେ ପ୍ରାଥମିକ ସ୍ତରରେ କୋଣାର୍କ ବାଲୁଖଣ୍ଡ ବନାଞ୍ଚଳକୁ ପୂର୍ବପ୍ରସ୍ତୁତି ଅନୁଯାୟୀ ନନ୍ଦନକାନନରୁ ୬ଟି ମାଈ ଓ ୪ଟି ଅଣ୍ଡିରା ସମେତ ୧୦ଟି ବିରଳ କୃଷ୍ଣସାର ମୃଗ ଅଣାଯାଇଥିଲା। କୋଣାର୍କ କାକଟପୁର ମୁଖ୍ୟରାସ୍ତା ଆଦର୍ଶ ବିଦ୍ୟାଳୟ ସମ୍ମୁଖ ଜଙ୍ଗଲର ପ୍ରାୟ ୩ କିମିରୁ ଊର୍ଦ୍ଧ୍ୱ କୁରୁଜଙ୍ଗ ପଞ୍ଚାୟତ ଅଧୀନ ଖଣ୍ଡିଆ ନଈ ନିକଟ ଅଭୟାରଣ୍ୟ ମଧ୍ୟରେ ଥିବା ୧୦ ଏକର ପରିମିତ ଜାଗାରେ ନିର୍ମିତ ପ୍ରଥମ ସ୍ୱତନ୍ତ୍ର ଏନକ୍ଲୋଜରରେ ସେମାନଙ୍କୁ ରଖାଗଲା। କିଛି ଦିନ ସେଠାରେ ରଖାଯାଇ କୋଣାର୍କ ଅଭୟାରଣ୍ୟରେ ସ୍ୱାଧୀନ ଭାବେ ବିଚରଣ ନିମନ୍ତେ ଏମାନଙ୍କୁ ସବୁଦିନ ପାଇଁ ଛଡ଼ାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ସଫଳତା ପାଇବା ପରେ ବନବିଭାଗ ପକ୍ଷରୁ ବିରଳ କୃଷ୍ଣସାର ମୃଗଙ୍କ ବଂଶ ବୃଦ୍ଧି ନିମନ୍ତେ ପୁଣି ଗତ ୨୦୨୪ ସେପ୍ଟେମ୍ବର ୧୯ ତାରିଖ ବିଳମ୍ବିତ ରାତ୍ରିରେ ପୁଣି ଦ୍ୱିତୀୟ ପର୍ଯ୍ୟାୟରେ ୭ଟି ଅଣ୍ଡିରା ଓ ୬ ଟି ମାଈ ସମେତ ସମୁଦାୟ ୧୩ଟି ବିରଳ କୃଷ୍ଣସାର ମୃଗ ନନ୍ଦନ-କାନନରୁ ଅଣାଯାଇ ଛଡ଼ାଯାଇଥିଲା। ଶେଷରେ ୨୦୨୪ ମସିହା ସେପ୍ଟେମ୍ବର ୨୭ ତାରିଖ ତୃତୀୟ ପର୍ଯ୍ୟାୟରେ ନନ୍ଦନକାନନ ଚିଡ଼ିଆଖାନାରୁ ଆହୁରି ୨ଟି କୃଷ୍ଣସାର ଅଣାଯାଇ ସମୁଦାୟ ୨୫ଟି ଛଡ଼ା ଯାଇ ବନ ବିଭାଗ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଛି। ଅନୁରୂପ ଭାବେ ବନ ବିଭାଗ ଦ୍ୱାରା ଚିତରେଶ୍ୱରୀ ଅଭୟାରଣ୍ୟରେ ନିର୍ମିତ ଦ୍ୱିତୀୟ ଏନକ୍ଲୋଜରରେ ଗତ ଜାନୁଆରୀ ପ୍ରଥମ ସପ୍ତାହରେ ଗଞ୍ଜାମ ଜିଲ୍ଲାର ଜଙ୍ଗଲରୁ ୨ଟି ମାଈ ଓ ଗୋଟିଏ ଅଣ୍ଡିରା ସମେତ ୩ଟି କୃଷ୍ଣସାର ମୃଗ ଛଡ଼ା ଯାଇଛି। ତେବେ ଏମାନେ ଏଠାରେ ତିଷ୍ଠି ପାରୁଛନ୍ତି କି ନାହିଁ ତାହା ଦେଖିବାକୁ ବାକି ରହିଲା।


## ପ୍ରକାଶ ପାଇବାକୁ ଯାଉଛି...

ମାସିକ ଗଳ୍ପ ପତ୍ରିକା 'କଥାକଳିକା'ର ଫେବୃୟାରୀ ସଂଖ୍ୟା-୨୦୨୫




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଶଶିଭୂଷଣ ମହାନ୍ତି।
**ସମକାଳର କଥା :** ଜାନକୀ ବଲ୍ଲଭ ମହାପାତ୍ର, ପ୍ରଫୁଲ୍ଲ ବାରିକ, ନମିତା ଦାଶ, ଲଳିତ ମୋହନ ମିଶ୍ର, ବିଦ୍ୟାଧର ପଣ୍ଡା, ଶର୍ମିଷ୍ଠା ମହାପାତ୍ର।
**ଅନ୍ୟ ଭାଷାର କଥା :** ମନୋଜ କୁମାର ବେହେରା।
**ଯୁବ ମାନସର କଥା :** ସ୍ନିଗ୍ଧା ନାୟକ, ପ୍ରିୟାଙ୍ଗୀ ବିଶ୍ୱାଳ, ଅକ୍ଷୟ କୁମାର ମିଶ୍ର, କବିତା ମିଶ୍ର।
**କଥାସାଗର :** ଅଶୋକ ବିଶ୍ୱାଳ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)